



ଜୟପୁର ଲାଲାସାହି ସନ୍ତରାସାହିସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ମତଦାନ କେନ୍ଦ୍ରରେ ସୋମବାର ଭୋଟ ଦେବାକୁ ଲୋକେ ଧାଡିରେ ଛିଡା ହୋଇଛନ୍ତି। ସୁନାବେଡା ଜଗନ୍ନାଥ ବିଦ୍ୟାପୀଠରେ ହୋଇଥିବା ବୁଥରେ ସହରବାସୀଙ୍କ ଭିଡ।

# ବିଦ୍ୟାଳୟ ପାଇଁ ଗୌରବ ଆଣିଲେ ଛାତ୍ରୀ ଆଲମାସ, ଆଦିତି

କୋରାପୁଟ/ଲମତାପୁଟ, ୧୩ା୫ (ଅମିତାଭ ବେହେରା/ ଭକ୍ତରାମ ବାଙ୍କିଆ)

**କେନ୍ଦ୍ର ମାଧ୍ୟମିକ ଶିକ୍ଷା ବୋର୍ଡ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ**



ଅଲମାସ୍ ପରବିନ



ଆଦିତି

କେନ୍ଦ୍ର ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠର ଚଳିତ ବର୍ଷର ଦଶମ ଶ୍ରେଣୀ ଫଳାଫଳ ପ୍ରକାଶ ପାଇଛି। ବିଦ୍ୟାପୀଠର ଛାତ୍ରୀ ଅଲମାସ୍ ପରବିନ ଶତକଡା ୯୫ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଚଳିତବର୍ଷ ଦଶମ ଶ୍ରେଣୀରେ ୯୬ ଜଣ ପରୀକ୍ଷା ଦେଇଥିଲେ। ଏଥିରୁ ପ୍ରଥମ ଶ୍ରେଣୀରେ ୪୬ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୭ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନ୍ୟମାନେ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି। ଛାତ୍ରୀ ଅଲମାସ୍ ଶତକଡା ୯୫ ପ୍ରତିଶତ ମାର୍କ ରଖି ଥିବା ବେଳେ କେ. ଶ୍ରୀୟା ୯୪ ପ୍ରତିଶତ, କାଶ୍ମୀରା ଗମାଙ୍ଗ ୯୦ ଶତକଡା, ରୋନିତ୍ କୁମାର ବିଶ୍ୱାଳ ୯୨ ପ୍ରତିଶତ, ରୁଦ୍ର ପ୍ରତାପ ନାହାକ ୯୦ ପ୍ରତିଶତ ଓ ସ୍ୱୟଂଜସିତ୍ ନାହାକ ୯୦ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା, ଅଧକ୍ଷା ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ କୃତୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ସେହିପରି ଲମତାପୁଟ ବ୍ଲକ ଅନ୍ତର୍ଗତ ମିଶିଙ୍ଗପୁଟ ଓଡିଶା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଆଦିତି ବାଙ୍କିଆ ୪୬୭ (୯୩.୪ ପ୍ରତିଶତ) ନମ୍ବର ରଖି ବିଦ୍ୟାଳୟ ଟପ୍ପର ହେଇଛନ୍ତି। ସେ ଏହାର ଶ୍ରେୟ ତାଙ୍କ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିବାର ଲୋକଙ୍କୁ ଦେଇଛନ୍ତି।

# ଭୋଟ ଦେଲେ ଜିଲାପାଳ, ଡିଆଇଜି





କୋରାପୁଟ, ୧୩ା୫(ଅମିତାଭ ବେହେରା)

କୋରାପୁଟ ଜିଲାରେ ସୋମବାର ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଥିଲା। କୋରାପୁଟ ଟାଉନହଲ ଆଦର୍ଶ ମତଦାନ କେନ୍ଦ୍ର ନଂ. ୧୩୯ରେ ଜିଲାପାଳ ଭି. କୀର୍ତ୍ତି ଭାସନ ଓ ତାଙ୍କ ସ୍ତ୍ରୀ ପହଞ୍ଚି ମତଦାନର ଶୁଭାରମ୍ଭ କରିଥିଲେ। ସମସ୍ତେ ଏଥିରେ ସାମିଲ ହୋଇ ମତଦାନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମିନା ଓ ତାଙ୍କ ସ୍ତ୍ରୀ ମଧ୍ୟ ଏହି ବୁଥ୍‌ରେ ମତଦାନ କରିଛନ୍ତି। ସକାଳୁ ଏହି ବୁଥ୍‌ରେ ଇଭିଏମ୍‌ରେ କିଛି ତ୍ରୁଟି ଯୋଗୁ ଧାର୍ଯ୍ୟ ସମୟଠାରୁ ପ୍ରାୟ ଅଧଘଣ୍ଟା ପରେ ମତଦାନ ଆରମ୍ଭ ହୋଇଥିଲା। ସେହିପରି କୋରାପୁଟ ମ୍ୟୁନିସିପାଲିଟିରେ ମାଳିସାହି, ଜାନିଗୁଡା, ପୋଲିସ ଲାଇନ, ଏକ୍ସବୋର୍ଡ଼ ସ୍କୁଲ ଆଦି ବୁଥ୍‌ରେ ଇଭିଏମରେ ସମସ୍ୟାରୁ ମତଦାନ ବିଳମ୍ବରେ ହୋଇଥିଲା।

# ଭୋଟ ବର୍ଜନ କଲେ ପଦୁଗୁଡ଼ା ଗ୍ରାମବାସୀ

ଦଶମନ୍ତପୁର, ୧୩ା୫(ଅରବିନ୍ଦ ନାୟକ)

ପ୍ରଶାସନ ଓ ରାଜନେତାଙ୍କ ବାରମ୍ବାର ମିଥ୍ୟା ପ୍ରତିଶ୍ରୁତିରେ ଅତିଷ୍ଠ ହୋଇ ଲୋକେ ଚାଲିଥିବା ସାଧାରଣ ନିର୍ବାଚନକୁ ବିରୋଧ କରିଛନ୍ତି। ପଦୁଗୁଡା ଗ୍ରାମବାସୀ ସେମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ନ ହେବାରୁ ସୋମବାର ହୋଇଥିବା ମତଦାନକୁ ବର୍ଜନ କରିଛନ୍ତି। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତର ପଦୁଗୁଡା ଗ୍ରାମରେ ଏପରି ଦେଖିବାକୁ ମିଳିଛି। ଏହି ଗ୍ରାମଟି ବୁଥ୍ ନମ୍ବର ୬୫ ଅଧୀନରେ ରହିଛି। ଗ୍ରାମରେ ୯୫ ପରିବାର ବସବାସ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ୧୬୭ ମତଦାତା ରହିଛନ୍ତି। ଶୁଣ୍ଡିଲୁଲ୍ଲା ଗ୍ରାମଠାରୁ ୪ କି.ମି. ଦୂରରେ ଅବସ୍ଥିତ ଏହି ଗ୍ରାମକୁ ଯାତାୟାତ ଲାଗି ରହିଥିବା ରାସ୍ତା ମରଣଯନ୍ତା ପାଲଟିଛି। ଗ୍ରାମରେ ପାନୀୟ ଜଳ ସମସ୍ୟା ମଧ୍ୟ ଲାଗି ରହିଛି। ଏହାକୁ ନେଇ ବାରମ୍ବାର ଗ୍ରାମବାସୀ ଜିଲା ଓ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ବିଭିନ୍ନ ସମୟରେ ଅଞ୍ଚଳର ରାଜନେତାଙ୍କ ଦୃଷ୍ଟି ଆକର୍ଷଣ କରି କୌଣସି ସୁଫଳ ମିଳିନାହିଁ। ଗ୍ରାମର ଏହି ମୌଳିକ ସମସ୍ୟା ନେଇ ଗତ ୨୪।୮।୨୩ରେ ଏକ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ସରକାର ଗ୍ରାମ ପ୍ରତି ଅଣଦେଖା କରୁଥିବା ନେଇ ଜଣେ କୁନି ଝିଅ ଗ୍ରାମର ସମସ୍ୟା ଅଭିନୟ ଓ ନୃତ୍ୟ ସଙ୍ଗୀତ ମାଧ୍ୟମରେ ପରିବେଷଣ କରି ପ୍ରଶାସନକୁ ଅବଗତ କରାଇଥିଲେ। ପରେ ଗ୍ରାମକୁ ପ୍ରଶାସନିକ ଅଧିକାରୀ ଓ ଦଳୀୟ ରାଜନେତାଙ୍କ ଛୁଆ ଛୁଟିଥିଲା। ଆସନ୍ତା ୨ ମାସ ମଧ୍ୟରେ ଗ୍ରାମର ସମସ୍ତ ମୌଳିକ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରଶାସନିକ ଅଧିକାରୀ ଓ ରାଜନେତାମାନେ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତି ଏଯାଏ କାର୍ଯ୍ୟକାରୀ ହୋଇନି। ସେମାନଙ୍କ ମିଥ୍ୟା ପ୍ରତିଶ୍ରୁତିର ପ୍ରତିବାଦ ଜଣାଇ ଆମେ ଗ୍ରାମବାସୀ ଭୋଟ ବର୍ଜନ କରିବାକୁ ବାଧ ହୋଇଛୁ ବୋଲି ଗ୍ରାମର ରାଜୀବ ସାଉଁନ୍ତା, ଅମି ସାଉଁନ୍ତା, ମେଟା ମୁଦୁଲି, ମନ ସାଉଁନ୍ତା, କଂସାରି ସାଉଁନ୍ତା, ଜେନା ଗରଡ଼ା, ବନ ନାଏକ, ବାସନ୍ତୀ ମୁଦୁଲି, ଦୁଲ ମୁଦୁଲି, ଦୀପ ଦିଶାରି ପ୍ରକାଶ କରିଛନ୍ତି।



ଭୋଟବର୍ଜନ କରିଥିବା ଗ୍ରାମବାସୀ।

## ଦେବଷଣ୍ଢଗୁଡାବାସୀଙ୍କ ଭୋଟ ବର୍ଜନ

ନନ୍ଦପୁର, (ଶଙ୍କର ପୂଜାରୀ)

ବାସକୀ ନଦୀରେ ପୋଲ ନାହିଁ ତ ଭୋଟ ନାହିଁ ବୋଲି ପ୍ରକାଶ କରି ନନ୍ଦପୁର ବ୍ଲକ ଦେବଷଣ୍ଢଗୁଡା ଗ୍ରାମବାସୀ ରବିବାର ଗ୍ରାମସମ୍ମୁଖ ରାସ୍ତାରେ ଫଳକ ମାରି ଭୋଟ ବର୍ଜନ ଚେତାବନୀ ଦେଇଥିଲେ। ସୋମବାର ଭୋଟଦିନ ସନ୍ଧ୍ୟା ଯାଏ ବ୍ଲକ କିମ୍ବା ଜିଲା ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀ ଆସି ଗ୍ରାମବାସୀଙ୍କ ସହ ଆଲୋଚନା ନ କରିବାରୁ ଗ୍ରାମବାସୀ ପୂର୍ବ ନିଷ୍ପତ୍ତି ଅନୁସାରେ ଭୋଟ ବର୍ଜନ କରିଛନ୍ତି। ଫଳରେ ଏହି ଗ୍ରାମର ୯୫ ଭୋଟରଙ୍କ ଖଣ୍ଡିଏ ହେଲେ ଭୋଟ କୌଣସି ପ୍ରାର୍ଥୀଙ୍କୁ ମିଳିପାରିନାହିଁ। ବାସକୀ ନଦୀ ଯୋଗୁ ଗ୍ରାମର ଦୂରବସ୍ଥା ସମ୍ପର୍କରେ ପୂର୍ବରୁ ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଜଣାଇଥିଲେ। ସପ୍ତାହେ ତଳେ ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ଯାଇ ବିଡିଓଙ୍କୁ ଗ୍ରାମର ସମସ୍ୟା ଲିଖିତ ଭାବେ ଜରାଇଥିଲେ। ମାତ୍ର କେହି ଆମ ସମସ୍ୟା ପ୍ରତି ଗୁରୁତ୍ୱ ନ ଦେବାରୁ ଭୋଟ ବର୍ଜନ କଲୁ ବୋଲି ଗ୍ରାମର ଶତାଧିକ ମହିଳା ପୁରୁଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଦୁର୍ଗା ପ୍ରସାଦ ଦୋରା କହିଛନ୍ତି ନିର୍ବାଚନ କାର୍ଯ୍ୟ ବ୍ୟସ୍ତତା ହେତୁ ସେ ସମ୍ପୃକ୍ତ ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିପାରି ନାହାଁନ୍ତି। ନିର୍ବାଚନ ପ୍ରକ୍ରିୟା ସରିବା ମାତ୍ରେ ଗ୍ରାମ ପରିଦର୍ଶନ କରି ଗ୍ରାମବାସୀଙ୍କ ସମସ୍ୟା ଦୂର କରିବାକୁ ପଦକ୍ଷେପ ନେବି ବୋଲି ପ୍ରକାଶ କରିଥିଲେ।

# ବିଧାୟକ ତାରାଙ୍କୁ ହତ୍ୟା ଧମକର ଭିଡିଓ ଭାଇରାଲ

ଜୟପୁର, ୧୩ା୫(ପବନ ପାଣିଗ୍ରାହୀ)

ସୋମବାର ଓଡ଼ିଶାରେ ଲୋକସଭା ଓ ବିଧାନସଭା ପାଇଁ ପ୍ରଥମ ପର୍ଯ୍ୟାୟ ମତଦାନ ହୋଇଥିଲା। ବିଭିନ୍ନ ବୁଥରେ କଡା ସୁରକ୍ଷରେ ମତଦାନ ଚାଲିଥିବା ବେଳେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ହତ୍ୟା ଧମକ ଦେବା ସମ୍ପର୍କିତ ଏକ ଭିଡିଓ ଭାଇରାଲ ହୋଇଛି। କେତେ ଜଣ ଯୁବକ ହାତରେ ବନ୍ଧୁକ ଧରି ବିଧାୟକ ବାହିନୀପତିଙ୍କୁ ହତ୍ୟା ଧମକ ଦେବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଏବଂ ରବି ନନ୍ଦ ଜିନ୍ଦାବାଦ କହୁଥିବା ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ବିଧାୟକ ବାହୀନିପତି ଏସପିଙ୍କୁ ଜଣାଇଥିବା କହିଛନ୍ତି।

# ସାପ କାମୁଡାରେ ଶିଶୁ ମୃତ

ନନ୍ଦପୁର, ୧୩ା୫(ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ କୁଲାରସିଂ ପଞ୍ଚାୟତର ତାନସିଂ ଗ୍ରାମରେ ସୋମବାର ସାପ କାମୁଡାରେ ଜଣେ ୩ ବର୍ଷ ୯ମାସର ଶିଶୁର ମୃତ୍ୟୁ ହୋଇଛି। ସେ ଗ୍ରାମର ଗଣେଶ ସାରସଙ୍ଗଙ୍କ ପୁଅ ଲିପୁନ ବୋଲି ଜଣାପଡିଛି। ଲିପୁନ ଘର ସମ୍ମୁଖରେ ସକାଳ ୮ଟାରେ ଖେଳୁଥିବା ବେଳେ ଏକ ବିଷଧର ସାପ ତାକୁ କାମୁଡି ଦେଇଥିଲା। ଗ୍ରାମର ସମସ୍ତେ ଭୋଟ ଦେବାକୁ ଯାଇଥିବା ବେଳେ ଏଭଳି ଅଘଟଣ ହୋଇଥିଲା। ସୂଚନା ପାଇ କୁଲାରସିଂ ସରପଞ୍ଚ ଭଗବତୀ କିଷାନୀ ଘଟଣା ସ୍ଥଳରେ ପହଞ୍ଚି ଶିଶୁଟିକୁ ପାଡୁଆ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ପାଡୁଆ ଥାନାରେ ଲିପୁନଙ୍କ ଦାଦା ନିରଞ୍ଜନ ସାରସଙ୍ଗ ଏତଲା ଦେଇଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରଛି।

# କେନ୍ଦ୍ର ଭିତରେ ଥାଇ ଭୋଟ ଦେଇପାରିଲେନି ୮ ଭୋଟର

**ଏମ୍‌ପିଭି ୩୩ ଗ୍ରାମ**

କାଳିମେଳା, ୧୩ା୫(ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କୋଇମେଟଲା ପଞ୍ଚାୟତ ଏମ୍‌ପିଭି ୩୩ ଗ୍ରାମ ୧୮୧ ବୁଥରେ ୮ ଭୋଟର କେନ୍ଦ୍ର ଭିତରେ ଥାଇ ମଧ୍ୟ ମତ ଦାନରୁ ବଞ୍ଚିତ ହେବା ପରେ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ଏମ୍‌ପିଭି ୩୩ ଗ୍ରାମରେ ମତଦାନ ଲାଗି ୧୮୧ ନମ୍ବର ବୁଥ ହୋଇଥିଲା । ଏଥିରେ ୧୩୬୦ ଭୋଟର ମତଦାନ କରିବାର ଥିଲା। କିନ୍ତୁ ଏମ୍‌ପିଭି ୩୩ ଗ୍ରାମର ପ୍ରଶାନ୍ତ ରାୟ, ମନିଷ ମଣ୍ଡଳ, ଉତ୍ତମ ବୈରାଗୀ, ସୁବାସ ହାଲଦାର, ପିଙ୍କି ମିସ୍ତ୍ରୀ, ଦୀପିକା ମଣ୍ଡଳ, ପିଙ୍କି ମଣ୍ଡଳ ଓ କରୁଣା ମଣ୍ଡଳ ୮ ଜଣ ମହିଳା ପୁରୁଷ ଅପରାହ୍ନ ୪ ଟାରୁ ମତଦାନ ଲାଗି ଧାଡ଼ିରେ ଛିଡା ହେଇଥିବା ବେଳେ ସେମାନଙ୍କୁ ଭୋଟ ଦାନରୁ ବଞ୍ଚିତ କରାଯାଇଥିବା ଅଭିଯୋଗ ହୋଇଛି । କେନ୍ଦ୍ରରେ ନିୟୋଜିତ ଥିବା ଏଜେଣ୍ଟଙ୍କ ସହ ପୋଲିଂ ଅଧିକାରୀମାନେ ଏହି ଲୋକମାନଙ୍କୁ ଭୋଟ ଦେବାରୁ ବଞ୍ଚିତ କରିବା ସହ ସେମାନେ କେନ୍ଦ୍ର ଭିତରେ ଉପସ୍ଥିତ ଥାଇ ଇଭିଏମ୍ ସିଲ୍ କରିଦେଇଥିବା ଲୋକେ ଅଭିଯୋଗ କରିଛନ୍ତି । ଲୋକମାନେ ରାତି ୧୦ ଟା ପର୍ଯ୍ୟନ୍ତ କେନ୍ଦ୍ର ଭିତରେ ରହିଥିଲେ ସୁଦ୍ଧା ସେମାନେ ଭୋଟ ଦେବାରୁ ବଞ୍ଚିତ ହୋଇଛନ୍ତି । ତେଣୁ ଭୋଟ ଦେଇ ନ ଥିବା ଲୋକ ଏବଂ ଅନ୍ୟାନ୍ୟ ଗ୍ରାମବାସୀ ଏକଜୁଟ ହୋଇ ଗେଟ ସମ୍ମୁଖରେ ଦୀର୍ଘ ସମୟ ଧରି ପ୍ରତିବାଦ କରିଥିଲେ। ପୋଲିଂ ଅଧିକାରୀ ଓ ଏଜେଣ୍ଟମାନେ ଦୀର୍ଘ ସମୟ ଧରି ଭୟରେ ବୁଥ ଭିତର ପଟୁ ତାଲା ପକାଇ ରହିଥିବା ଦେଖିବାକୁ ମିଳିଥିଲା। ରାତି ୧୦ ଟା ପରେ କାଳିମେଳା ଥାନା ଅଧିକାରୀ ଚନ୍ଦ୍ର କାନ୍ତି ତାଣ୍ଡିଙ୍କ ନେତୃତ୍ୱରେ ଅନ୍ୟାନ୍ୟ ପୋଲିସ ଟିମ୍ ଏମ୍‌ପିଭି ୩୩ ଗ୍ରାମରେ ପହଞ୍ଚି ଇଭିଏମକୁ ସୁରକ୍ଷିତ ଭାବେ ନେଇଯାଇଥିବା ଜଣାପଡିଛି ।

# ଧାଡ଼ିରେ ଠିଆହୋଇ ଭୋଟ ଦେଲେ ଜିଲାପାଳ

**ଇଭିଏମ୍‌ରେ ତ୍ରୁଟି, ଅଧଘଣ୍ଟା ବିଳମ୍ବରେ ମତଦାନ**

ମାଲାକନଗିରି, ୧୩ା୫(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ପ୍ରଥମ ପର୍ଯ୍ୟାୟ ମତଦାନ ସକାଳ ୭ରୁ ଆରମ୍ଭ ହୋଇଥିବା ବେଳେ ସଦର ମହକୁମା କୁମୁଟିଗୁଡ଼ା କେନ୍ଦ୍ରରେ ଇଭିଏମ୍‌ରେ ତ୍ରୁଟି ଯୋଗୁ ଅଧଘଣ୍ଟା ବିଳମ୍ବ ମତଦାନ ହୋଇଥିଲା। ଏହି ମତଦାନ କେନ୍ଦ୍ରକୁ ମାଲକାନଗିରି ଜିଲାପାଳ ପାଓ୍ୱାର ସଚିନ ପ୍ରକାଶ ଆସି ଧାଡ଼ିରେ ଛିଡ଼ା ହୋଇ ଭୋଟ ଦେଇଥିବା ଦେଖିବାକୁ ମିଳିଛି। ଉକ୍ତ କେନ୍ଦ୍ରରେ ଅନ୍ୟ ଅଧିକାରୀମାନେ ଜିଲାପାଳଙ୍କୁ ଆଗେଯାଇ ଭୋଟ ଦେବା ପାଇଁ କହିଥିଲେ। ସେ ଧାଡ଼ିରେ ଛିଡ଼ା ହୋଇ ତାଙ୍କ ସମୟ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରି ଭୋଟ ଦେବେ ବୋଲି କହିଥିଲେ। ଜିଲାପାଳଙ୍କ ଏପରି ନିୟମକୁ ସାଧାରଣରେ ପ୍ରଶଂସା କରାଯାଇଛି। ଜିଲାପାଳ କହିଛନ୍ତି, ଗଣତନ୍ତ୍ରରେ ସମସ୍ତଙ୍କ ନାଗରିକଙ୍କର ଭୋଟ ଦେବାର ଅଧିକାର ଅଛି। ଶୃଙ୍ଖଳିତ ସହ ଧାଡ଼ିରେ ଠିଆ ହୋଇ ଭୋଟ ଦେବାରେ କୌଣସି ଉଚ୍ଚ ପଦସ୍ଥ ଅଧିକାରୀ, ରାଜନୈତିକ ବ୍ୟକ୍ତିଙ୍କୁ ସ୍ୱତନ୍ତ୍ର ଗୁରୁତ୍ୱ ଦେବାର ଆବଶ୍ୟକତା ନାହିଁ। ଏହା ନିୟମ ବିରୁଦ୍ଧ ବୋଲି ସେ କହିଥିଲେ।



ମାଲକାନଗିରି ଜିଲାପାଳ ପାଓ୍ୱାର ସଚିନ ପ୍ରକାଶ ଭୋଟ ଦେବାକୁ ଧାଡ଼ିରେ ଛିଡ଼ା ହୋଇଛନ୍ତି।

# ପ୍ରଥମ ଥର ଭୋଟ ଦେଇ ଉତ୍ସାହିତ ଛାତ୍ରୀ

ମାଲକାନଗିରି, ୧୩ା୫(ଦୁର୍ଯ୍ୟୋଧନ ପାତ୍ର)



ଦିବ୍ୟଶ୍ରୀ ପାତ୍ର

୫ ବର୍ଷକୁ ଥରେ ସାଧାରଣ ନିର୍ବାଚନ ହୁଏ । ଏହି ନିର୍ବାଚନ ସମୟରେ ନିଜର ଗଣତନ୍ତ୍ର ଅଧିକାର ସାବ୍ୟସ୍ତ କରିବା ପାଇଁ ପ୍ରତ୍ୟେକ ଭୋଟର ଆଗ୍ରହ ପ୍ରକାଶ କରିଥାନ୍ତି । କିନ୍ତୁ ମାଲକାନଗିରି ଜିଲା ସଦର ମହକୁମାରେ କିଛି ଏପରି ଭୋଟର ଅଛନ୍ତି, ଯାହାର ଭୋଟର ପରିଚୟ ପତ୍ର ଥାଇ ମଧ୍ୟ ତାଲିକାରେ ନାମ ନାହିଁ। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲା ସଦର ମହକୁମା ବୁଟିଗୁଡ଼ା ଭୋଟଦାନ କେନ୍ଦ୍ରରେ । ଏହି ବୁଥ୍‌ର ୪ ଜଣ ମହିଳା ପୁରୁଷ ନିଜର ଭୋଟର ପରିଚୟ ପତ୍ର ଦେଖାଇଥିଲେ, କିନ୍ତୁ ଭୋଟର ତାଲିକାରେ ତାଙ୍କ ନାମ ନ ଥିବା ଯୋଗୁ ଭୋଟଦାନରୁ ବଞ୍ଚିତ ହୋଇଥିବା ପ୍ରକାଶ କରିଛନ୍ତି। କେବଳ ଏହି ୪ଜଣ ନୁହେଁ ବିଭିନ୍ନ ଓ୍ୱାର୍ଡରେ ଏପରି ସମସ୍ୟା ଥିବା ଅନେକ ଭୋଟର ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସୋମବାର ପ୍ରଥମ ଥର ଭୋଟ ଦେଇ ଜଣେ ଛାତ୍ରୀ ଗର୍ବ ଅନୁଭବ କରିଛନ୍ତି। ଚଳିତ ଥର ୧୮ ବର୍ଷରୁ ଊର୍ଦ୍ଧ୍ୱ ବହୁ ଛାତ୍ରୀଛାତ୍ର ପ୍ରଥମ ଥର ଭୋଟ କେନ୍ଦ୍ରକୁ ଆସି ସେମାନଙ୍କ ମତ ସାବ୍ୟସ୍ତ କରିଛନ୍ତି। ବୁଟିଗୁଡ଼ା ମତଦାନ କେନ୍ଦ୍ରରେ ଯୁକ୍ତ ୩ର ଛାତ୍ରୀ ଦିବ୍ୟଶ୍ରୀ ପାତ୍ର ପ୍ରଥମ ଥର ଭୋଟ ଦେଇ କହିଛନ୍ତି, ମୁଁ ଆଜି ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିଥିବାରୁ ନିଜକୁ ଗର୍ବିତ ଅନୁଭବ କରୁଛି। ଯୁବପିଢ଼ି ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେଇ ଗଣତନ୍ତ୍ର ସୁରକ୍ଷା କରିବାରେ ନିଜକୁ ନିୟୋଜିତ କରନ୍ତୁ ବୋଲି ସେ କହିଛନ୍ତି।

# ଅସୁସ୍ଥ ବାପାଙ୍କୁ କୋଳରେ ଧରି ଭୋଟ କେନ୍ଦ୍ରକୁ ନେଲେ ଝିଅ

**ଭୋଟରମାନଙ୍କ ପାଇଁ ଏହା ସଚେତନତାର ବାର୍ତ୍ତା**

ମାଲକାନଗିରି, ୧୩ା୫(ଦୁର୍ଯ୍ୟୋଧନ ପାତ୍ର)

ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ମାଲକାନଗିରି ଜିଲାରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ମୋଟ ୫୪୭ ବୁଥ୍‌ରେ ଆଜି ଶାନ୍ତିଶୃଙ୍ଖଳାର ସହ ମତଦାନ ହୋଇଥିବା ବେଳେ ସମସ୍ତ ବୁଥ୍‌ରେ ସମସ୍ତ ପ୍ରକାର ସୁବିଧାସୁଯୋଗ ଯୋଗାଇ ଦିଆଯାଇଛି। ତେବେ ମାଲକାନଗିରି ସଦର ମହକୁମା ଜୟପୁରିଆଗୁଡ଼ା ବୁଥ୍‌ରେ ହୁଇଲ ଚେୟାରର ସୁବିଧା ନ ଥିବାରୁ ଜଣେ ଯୁବତୀ ନିଜ ବାପାଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କୁ କୋଳରେ ଧରି ଭୋଟ ଗ୍ରହଣ କେନ୍ଦ୍ରକୁ ନେଇ ବାପାଙ୍କ ଭୋଟ ଦେଇଥିବା ଦେଖିବାକୁ ମିଳିଛି। ଏହା ଉପସ୍ଥିତ ଭୋଟରମାନଙ୍କୁ ଆଶ୍ଚର୍ଯ୍ୟ କରିଥିବା ବେଳେ ଏହି ଆଦିବାସୀ ଯୁବତୀଙ୍କ ଏପରି ମହତ୍ତ୍ୱ ଭୋଟରମାନଙ୍କୁ ସଚେତନତାର ବାର୍ତ୍ତା ଦେଇଛି। କେନ୍ଦ୍ର ବାହାରେ ଥିବା ଶତାଧିକ ମହିଳା ପୁରୁଷ ଭୋଟର ଏହି ଯୁବତୀଙ୍କ ସାହସ ଏବଂ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବା ପାଇଁ ବୃଦ୍ଧ ଅସହାୟ ପିତାଙ୍କୁ କୋଳରେ ଧରି ନେବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଭୋଟ ଗ୍ରହଣ କେନ୍ଦ୍ରରେ ଥିବା ଅଧିକାରୀମାନେ ସମ୍ପୃକ୍ତ ବୃଦ୍ଧଙ୍କୁ ପାନୀୟ ଜଳ ଦେବା ସହ ଚେୟାରରେ ବସାଇ ତୁରନ୍ତ ଭୋଟ କାର୍ଯ୍ୟ ସମ୍ପାଦନ କରାଇଥିଲେ।




ଜଣେ ଯୁବତୀ ଅସୁସ୍ଥ ବାପାଙ୍କୁ ଭୋଟ ଦେବାକୁ କେନ୍ଦ୍ରକୁ ନେଉଛନ୍ତି।

# କେତେକ ସ୍ଥାନରେ ଇଭିଏମ୍ ଅଚଳ, ମତଦାନ ବିଳମ୍ବ

**କାଳିମେଳାରେ ଶାନ୍ତିଶୃଙ୍ଖଳା ସହ ମତଦାନ**

କାଳିମେଳା, ୧୩ା୫(ଜୀବନକୃଷ୍ଣ ଦାସ )

ନବରଙ୍ଗପୁର ସଂସଦୀୟ କ୍ଷେତ୍ର ମାଲକାନଗିରି ନିର୍ବାଚମଣ୍ଡଳୀ ଅନ୍ତର୍ଗତ କାଲିମେଳା ବ୍ଲକ୍‌ରେ ସୋମବାର ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି।

ସୂଚନା ଅନୁଯାୟୀ, କାଲିମେଳା ବ୍ଲକ୍‌ରେ ପ୍ରଶାସନ ପକ୍ଷରୁ ୧୨୦ କେନ୍ଦ୍ରରେ ସକାଳ ୭ ଟାରୁ ମତଦାନ ଆରମ୍ଭହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିଥିଲା। କେତେକ ସ୍ଥାନରେ ଇଭିଏମ୍ ଅଚଳ ହୋଇଥିବାରୁ ମତଦାନ ବିଳମ୍ବ ହୋଇଥିଲା। ୧୨୦ ବୁଥ୍‌ରୁ ୧୩ଟି ସମ୍ବେଦନଶୀଳ ରହିଛି। ୧୪୬ ବିଧାନସଭା ନିର୍ବାଚନମଣ୍ଡଳୀରେ ୯୬ ହଜାର ୨୫୧ ଭୋଟର ଥିବାବେଳେ ୧୪୭ ନିର୍ବାଚନମଣ୍ଡଳୀର ଭୋଟରଙ୍କ ସଂଖ୍ୟା ୪୦୮୫ ରହିଛି । ସେହିପରି ବଡିଗେଟା ପଞ୍ଚାୟତ ବଡିଗେଟାରେ ଥିବା ବୁଥ ନମ୍ବର ୨୯୫ ରେ ୧୧୨୫ ଭୋଟର ରହିଛନ୍ତି। ଏଠାରେ ବଡିଗେଟା, ମାରିଗେଟା, ଟେକଗୁଡା କଲୋନି, ସାନ ଟେକଗୁଡା, ବଡ଼ ଟେକଗୁଡା, କୁରୁବ ପରଜାଗୁଡା ଗନ୍ଧିଗୁଡା ଭଳି ୮ ଗ୍ରାମର ଲୋକମାନେ ଭୋଟ ଦେଇଛନ୍ତି। ତେବେ ଏଠାରେ ଇଭିଏମ୍ ଖରାପ ଥିବାରୁ ମତଦାନ ବିଳମ୍ବରେ ହୋଇଥିଲା । ପୁଣି ଅଧିକ ଭୋଟର ଥିବାରୁ ଲୋକମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ମତଦାନ କରିଥିବା ଜଣାପଡିଛି। ସେହିପରି ଏମ୍‌ପିଭି ୬୫ ଗ୍ରାମରେ ଥିବା ବୁଥ ନମ୍ବର ୨୫୪ ଏବଂ ୨୫୫ ଦୁଇଟି ବୁଥରେ ୧୮୫୦ ଭୋଟର ଥିବା ବେଳେ ଏଠାରେ ୨୫୫ ବୁଥରେ ଇଭିଏମ୍ ଖରାପ ଥିବାରୁ ପୂର୍ବାହ୍ନ ୧୦.୩୦ ପରେ ମତଦାନ ଆରମ୍ଭ ହୋଇଥଲା। ସେହିପରି ପେଦାୱାଡା ଗ୍ରାମରେ ଥିବା ବୁଥ ନମ୍ବର ୨୫୮ ରେ ଇଭିଏମ୍ ଖରାପରୁ ଏଠାରେ ଦେଢଘଣ୍ଟା ବିଳମ୍ବରେ ମତଦାନ ହୋଇଥିଲା । କାଲିମେଳା ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪ ବୁଥ ହୋଇଥିବା ବେଳେ ୨୬୭ – ଏ ବୁଥ ରେ ଅଧିକ ଭୋଟର ଥିବା ଯୋଗୁ ଲୋକମାନେ ୩ ଘଣ୍ଟା ରୁ ଊର୍ଦ୍ଧ୍ୱ ସମୟ ଅପେକ୍ଷା କରିବା ପରେ ମତଦାନ କରିଥିଲେ ।



କାଲିମେଳା ବ୍ଲକ ବଡିଗେଟା ବୁଥ୍‌ରେ ମତଦାନ ପାଇଁ ଛିଡା ହୋଇଥିବା ଲୋକେ ।

# ୪୧ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍

**ରାୟଗଡ଼ା, ୧୩।୫ (ଆଶିଷ ରଞ୍ଜନ ପଣ୍ଡା)**


ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭୋଟରମାନେ ମତଦାନ ପାଇଁ ଧାଡ଼ିରେ ଛିଡ଼ା ହୋଇଛନ୍ତି।

ଚଳିତ ସାଧାରଣ ନିର୍ବାଚନ ପାଇଁ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟରେ ସୋମବାର ରାୟଗଡ଼ା ଜିଲାରେ ଶେଷ ହେଲା ମତଦାନ। କୋରାପୁଟ ଲୋକ ସଭା ଆସନ ଏବଂ ରାୟଗଡ଼ାର ୩ ବିଧାନସଭା ପାଇଁ ନିର୍ବାଚନ ମଇଦାନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୪୧ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ଜିଲାର ୩ ବିଧାନସଭା ଆସନରେ କିଏ ବିଧାୟକ ହେବେ ଏବଂ କୋରାପୁଟ ଲୋକ ସଭା ଆସନ ପାଇଁ ନିର୍ବାଚନ ଲଢୁଥିବା ୧୧ ପ୍ରାର୍ଥୀଙ୍କ ମଧ୍ୟରୁ କିଏ ଏମ୍‌ପି ହେବେ ସେ ନେଇ ଜୁନ୍ ୪ରେ ଭୋଟ ଗଣତି ପରେ ଜଣାପଡିବ। ତେବେ ଓଡ଼ିଶାର ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ କୋରାପୁଟ ଲୋକ ସଭା ଆସନରେ ୬୧.୪୩ ପ୍ରତିଶତ ମତଦାନ ହୋଇଥିବା ଜିଲା ନିର୍ବାଚନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଚଳିତ ନିର୍ବାଚନରେ ହୋଇଥିବା ମତଦାନରେ ସନ୍ଧ୍ୟା ୫ଟା ସୁଦ୍ଧା ରାଗଡ଼ା ଜିଲାରେ ୬୨.୯୬% ମତଦାନ ହୋଇଥିବା ସୂଚନା ମିଳିଛି। କୋରାପୁଟ ଲୋକ ସଭା ଆସନ ଅନ୍ତର୍ଗତ ରାୟଗଡ଼ା ଜିଲାର ୩ ନିର୍ବାଚନମଣ୍ଡଳୀ ମଧ୍ୟରୁ ଗୁଣପୁର ବିଧାନସଭା ଆସନରେ ସର୍ବନିମ୍ନ ୫୭.୪୪%, ବିଷମକଟକ ବିଧାନସଭା ଆସନରେ ସର୍ବାଧିକ ୬୭.୯୯% ଏବଂ ରାୟଗଡ଼ା ବିଧାନସଭା ଆସନରେ ୬୩.୨୦% ମତଦାନ ହୋଇଥିବା ଜଣାପଡ଼ିଛି।

ଜିଲାର ବିଭିନ୍ନ ବୁଥ୍‌ରେ ସୋମବାର ସକାଳ ୭ରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୫ଟାରେ ଶେଷ ହୋଇଥିଲା। ଶାନ୍ତିଶୃଙ୍ଖଳାର ସହିତ ମତଦାନ ପାଇଁ ରାୟଗଡ଼ା, ମୁନିଗୁଡ଼ା ଓ ଚନ୍ଦ୍ରପୁର ଥାନା ଅଞ୍ଚଳରେ ଥିବା ସିଆରପିଏଫ ୩ ବାଟାଲିୟନ ବ୍ୟତୀତ ବାହାର ଜିଲାରୁ ୭ କମ୍ପାନୀ ସିଆରପିଏଫ୍ ଆସି ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିଲେ।

ଅନ୍ୟପକ୍ଷରେ ରାୟଗଡା ସହରସ୍ଥିତ ଗାନ୍ଧୀନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଏମ୍‌ପି ସପ୍ତଗିରି ଉଲାକା ଏବଂ ଜିଲାପାଳ ମନୋଜ ସତ୍ୟୱାନ ମହାଜନ ସକାଳ ୮ଟାରେ ମତଦାନ କରିଥିଲେ। ସେହିଭଳି ୧୨ନଂ. ୱାର୍ଡରେ ବିଜେଡି ବିଧାୟିକା ପ୍ରାର୍ଥୀ ଅନସୂୟା ମାଝି, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିଥିଲେ। ଚଳିତ ଥର ଜିଲାରେ ମୋଟ ୭,୧୩,୧୫୩ ଭୋଟରଙ୍କ ମଧ୍ୟରୁ ୩,୭୬,୯୮୮ ମହିଳା, ୩,୩୫, ୯୭୭ ପୁରୁଷ ଭୋଟର ଏବଂ ୧୮୮ ଟ୍ରାନ୍ସଜେଣ୍ଡର ଭୋଟର ରହିଛନ୍ତି। ଚଳିତ ଥର ୨୦ହଜାର ନୂତନ ଭୋଟର ଯୋଡ଼ିହୋଇଥିଲେ ମଧ୍ୟ ବିଶେଷ ଭାବେ ଯୁବକ ଓ ଯୁବତୀ ଭୋଟ ଦେବା ପାଇଁ ଆସିବା ଦେଖିବାକୁ ମିଳି ନ ଥିଲା। ଏଭଳିକି ରାୟଗଡ଼ା ବିଧାନସଭା ଆସନରେ ଚର୍ଚ୍ଚାରେ ରହିଥିବା କାଶୀପୁର ବ୍ଲକ୍‌ରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ରହିଥିଲେ ମଧ୍ୟ ୬୫% ମତଦାନ ହୋଇଥିବା ସୂଚନା ମିଳିଛି। ତେବେ ଏହି ନିର୍ବାଚନରେ ଜିଲାର ୩ ବିଧାନସଭା ଆସନର ୩୦ ପ୍ରାର୍ଥୀ ଏବଂ କୋରାପୁଟ ଲୋକ ସଭା ଆସନର ୧୧ ସାଂସଦ ପ୍ରାର୍ଥୀଙ୍କ ମଧ୍ୟରୁ କିଏ କେତେ ଭୋଟ ପାଇଛନ୍ତି ଏବଂ କିଏ ବିଜୟୀ ହେବେ ତାହା ଜୁନ୍ ୪ ତାରିଖରେ ଭୋଟ ଗଣତି ପରେ ଜଣାପଡ଼ିବ।

## ରାୟଗଡ଼ା ଜିଲାରେ ୭୨.୯୬% ମତଦାନ

# ଗୁଣପୁରରେ କମ୍ ପ୍ରତିଶତ ମତଦାନ



ଗୁଣପୁର ସଖୀ ବୁଥ୍‌ରେ ମହିଳାମାନେ ଭୋଟ ଦେଇ ଫେରୁଛନ୍ତି।

**ଗୁଣପୁର, ୧୩।୫ (ପ୍ରଦୀପ ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁରରେ ସୋମବାର ଶାନ୍ତିପୂର୍ଣ୍ଣ ଭାବେ ମତଦାନ ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ନିର୍ବାଚନମଣ୍ଡଳୀରେ ସମୁଦାୟ ୨୮୯ଟି ବୁଥ୍‌ରେ ଜିଲାର ସବୁଠାରୁ ସର୍ବନିମ୍ନ ୫୭.୪୪ ପ୍ରତିଶତ ମତଦାନ ହୋଇଛି। ଗୁଣପୁରରେ କମ ପ୍ରତିଶତ ମତଦାନକୁ ନେଇ ବୁଦ୍ଧିଜୀବି ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଭୋଟରଙ୍କୁ ଆକୃଷ୍ଟ କରିବା ଏବଂ ବହୁ ମାତ୍ରାରେ ମତଦାନ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ସଖୀ, ଦିବ୍ୟାଙ୍ଗ, ଆଦର୍ଶ ବୁଥ୍ ଆଦି ବ୍ୟାପକ ବ୍ୟବସ୍ଥା ହୋଇଥିଲେ ମଧ୍ୟ କମ୍ କାହିଁକି କମ୍ ପ୍ରତିଶତ ମତଦାନ ହେଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୁଣପୁର ବ୍ଲକ ବିରଳ ଜନଜାତି ଲାଞ୍ଜିଆ ସଉରା ଶଗଡ଼ା ବୁଥ୍‌ରେ ଉତ୍ସାହର ସହ ମତଦାନ କରୁଥିବା ଦେଖିବାକୁ ମିଳିଥିଲା।

ଅନ୍ୟପକ୍ଷରେ ଗୁଣୁପୁର ନିର୍ବାଚନମଣ୍ଡଳୀରୁ ବିଧାନସଭା ଆସନ ପାଇଁ ୧୨ ଜଣ ପ୍ରର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି। ସମସ୍ତ ପ୍ରାର୍ଥୀଙ୍କ ଭାଗ୍ୟ ସୋମବାର ଇଭିଏମ୍‌ରେ ସିଲ ହୋଇଛି। ବରଷ୍ଠ କଂଗ୍ରେସ ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ଓ ତାଙ୍କ ସ୍ତ୍ରୀ ପୁର୍ବତନ ଏମ୍‌ପି ହେମା ଗମାଙ୍ଗ ତାଙ୍କ ଗ୍ରାମ ଡିବିରିସିଂ ଗ୍ରାମରେ ମତଦାନ କାରିଛନ୍ତି। ବିଜେଡି ପ୍ରାର୍ଥୀ ତଥା ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ନିଜ ଗ୍ରାମ ଏମ୍‌କେ ରାଇରେ ମତଦାନ କରଛନ୍ତି।







ରାୟଗଡ଼ା ଜିଲାପାଳ ମନୋଜ ସତ୍ୟୱାନ ମହାଜନ, ଜିଲା ବିଜେଡି ସଭାପତି ଏନ୍ ଭାସ୍କର ରାଓ ରାୟଗଡ଼ା ବିଜେଡି ବିଧାୟିକା ପ୍ରାର୍ଥୀ ଅନୁସୟା ମାଝି ଭୋଟ ଦେଉଛନ୍ତି।

# ପଦ୍ମପୁର ବ୍ଲକ୍‌ରେ ଶାନ୍ତିଶୃଙ୍ଖଳାରେ ଭୋଟଦାନ

**ପଦ୍ମପୁର, ୧୩।୫ (ପ୍ରଶାନ୍ତ କର)**

ରାୟଗଡ଼ା ଜିଲା ଗୁଣପୁର ନିର୍ବାଚନମଣ୍ଡଳୀର ପଦ୍ମପୁର ବ୍ଲକ୍‌ରେ ସୋମବାର ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି। ବ୍ଲକ୍‌ର ୧୩ ପଞ୍ଚାୟତର ୫୪ଟି ବୁଥ୍ କରାଯାଇଥିଲା। ସକାଳ ୭ରୁ ବିଭିନ୍ନ ବୁଥ୍‌ରେ ମତଦାନ ଆରମ୍ଭ ହୋଇଥିବା ସମୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଭୋଟରମାନେ ଆଗ୍ରହର ସହ ବୁଥ୍‌କୁ ଆସି ଭୋଟ ଦେଉଥିବା ଦେଖିବାକୁ ମିଳିଥିଲା। ଅପରାହ୍ନ ୩ଟା ସୁଦ୍ଧା ୫୦ ପ୍ରତିଶତ ଅର୍ଥାତ୍ ୪୨,୮୦୮ ଭୋଟିଂ ହୋଇଥିବା ସୂଚନା ମିଳିଛି। ତେବେ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦୁର୍ଗମ ଲିକିଟିପଦର ପଞ୍ଚାୟତର ମୁସ୍କି ବୁଥ୍‌ରେ ମତଦାନ ଚାଲିଥିବା ନିର୍ବାଚନ ଅଧିକାରୀଠାରୁ ଜଣାପଡ଼ିଛି। ପଦ୍ମପୁର ବ୍ଲକ୍ ନିର୍ବାଚନ କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ଆଦିତ୍ୟ ପ୍ରସାଦ ମିଶ୍ର ଥିଲେ। ନିର୍ବାଚନ ଅଧିକାରୀ ଦାୟିତ୍ୱରେ ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବପ୍ରସାଦ ପଟ୍ଟନାୟକ ସମସ୍ତ ବୁଥ୍ ତଦାରଖ କରିଥିଲେ। ୫୪ ବୁଥ୍ ନିମନ୍ତେ ସେକ୍ଟର ଅଫିସର ଦାୟିତ୍ୱରେ ମିଶନ ଶକ୍ତି (ବିପିସି)ର ସୁନୀଲ ମିଶ୍ର, ଯୋଗାଣ ଅଧିକାରୀ ପ୍ରଭାକର ମଲ୍ଲିକ, ଯନ୍ତ୍ରୀ ମନମୋହନ ସିଂହ, ଯନ୍ତ୍ରୀ ଅଶୋକ ନାୟକ, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରଶ୍ମିତା ଶବର, ପଦ୍ମପୁର ଗ୍ରାମପଞ୍ଚାୟତ ଅଧିକାରୀ ଉମାଚରଣ ପାଣିଗ୍ରାହୀ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ପଦ୍ମପୁର ଥାନା ଆଇଆଇସି ରଞ୍ଜନ କୁମାର ମାଝିଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ଆଇନଶୃଙ୍ଖଳା ପରିସ୍ଥିତି ତଦାରଖ କରିଥିଲେ। ପଦ୍ମପୁର ମେଡିକାଲ ତରଫରୁ ବିଭିନ୍ନ ବୁଥ୍‌ରେ ମେଡିକାଲ ଅଫିସର ନିଯୁକ୍ତ ହୋଇଥିବାବେଳେ ମେଡିସିନ ଓ ଓଆର୍‌ଏସ୍ ମହଜୁଦ ଥିଲା।


ମତଦାନ ପାଇଁ ଭୋଟର ଧାଡ଼ ବାନ୍ଧି ଛିଡ଼ା ହୋଇଛନ୍ତି।

# ଅନେକ ବୁଥ୍‌ରେ ବିଳମ୍ବରେ ମତଦାନ

**ରାୟଗଡ଼ା/ଗୁଣପୁର/ବିଷମକଟକ/ଟିକିରି, ୧୩।୫ (ଆଶିଷ ରଞ୍ଜନ ପଣ୍ଡା/ପ୍ରଦୀପ ପାଢ଼ୀ/ବିଭୁତି ଭୂଷଣ ନାୟକ/ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡା ଜିଲାର ବିଭିନ୍ନ ବୁଥ୍‌ରେ ଇଭିଏମ୍ ମେଶିନରେ ତ୍ରୁଟି ଯୋଗୁ ଘଣ୍ଟାଏ, ୨ ଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ରାୟଗଡ଼ା ସହରର ନେହରୁ ନଗର ପ୍ରାଥମିକ ବିଦ୍ୟାଳୟ, ଖଳିଗୁଡ଼ା ପ୍ରାଥମିକ ବିଦ୍ୟାଳୟ, ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ଗୋପବନ୍ଧୁ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟ ଏବଂ ବ୍ରାହ୍ମଣ ସାହି ପ୍ରାଥମିକ ବିଦ୍ୟାଳୟସ୍ଥିତ ବୁଥ୍‌ରେ ଇଭିଏମ ମେଶିନ କାମ ନ କରିବାରୁ ଭୋଟରମାନେ ହଇରାଣ ହୋଇଥିଲେ। ପ୍ରାୟ ୨ ଘଣ୍ଟା ପରେ ଇଭିଏମ ମେଶିନଗୁଡିକ ସ୍ୱାଭାବିକ ହେବାରୁ ମତଦାନ ଆରମ୍ଭ ହୋଇଥିଲା। ସେହିପରି ଗୁଣପୁର ସହରର ଶଶି ଭୂଷଣପେଣ୍ଟ ସ୍କୁଲ, ଭେଟନାରି ଡେପ, ଡେରିଗାଁ ଭଳି କେତେକ ମତଦାନ କେନ୍ଦ୍ରରେ ଇଭିଏମ ଅଚଳ ଯୋଗୁ କିଛି ସମୟ ପାଇଁ ମତଦାନ ବାଧାପ୍ରାପ୍ତ ହୋଇଥିଲା। ସେହିପରି ବିଷମକଟକ ନିର୍ବାଚନ ମଣ୍ଡଳୀ ନିର୍ଗୁଣ୍ଡି ମତଦାନ କେନ୍ଦ୍ରରେ ଇଭିଏମ୍ ମେଶିନରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ୩୦ ମିନଟ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ଇଭିଏମ୍ ମେଶିନ ଠିକ୍ ହେବା ପରେ ଆଦିବାସୀ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ନିର୍ଗୁଣ୍ଡି ବୁଥ୍‌ରେ ମତ ସାବ୍ୟସ୍ତ କରିଥିଲେ। ସେପଟେ କାଶୀପୁର ବ୍ଲକ୍‌ରେ ମତଦାନ ଚାଲିଥିବା ସମୟରେ କିଛି ସ୍ଥାନରେ ଇଭିଏମ ମେଶିନରେ ତ୍ରୁଟି ଦେଖାଦେବାରୁ ମଝିରେ ମତଦାନ ବନ୍ଦ ରହିଥିଲା। କାଶୀପୁର ବ୍ଲକର ନକଟିଗୁଡା, ଟିକିରି ଏବଂ କାଶୀପୁର, ଖୁରିଗାଁ ବୁଥ୍‌ରେ ମେଶିନ ସଜାଡିବା ପରେ ପୁଣିଥରେ ମତଦାନ ଚାଲିଥିବା ଦେଖିବାକୁ ମିଳିଛି।

## ଇଭିଏମ୍‌ରେ ତ୍ରୁଟି

# ହାଟମୁନିଗୁଡ଼ା ପଞ୍ଚାୟତରେ ୭୫ % ମତଦାନ

**ହାଟମୁନିଗୁଡ଼ା, ୧୩।୫ (ପ୍ରସନ୍ନ ପଣ୍ଡା)**

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ହାଟମୁନିଗୁଡା ପଞ୍ଚାୟତରେ ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି। ପଞ୍ଚାୟତରେ ମୋଟ ୪ ବୁଥ୍ କରାଯାଇଥିଲା। ସେଥିମଧ୍ୟରୁ ଗୋଟିଏ ପିଙ୍କ୍ ବୁଥ୍ ପ୍ରଥମ କରି ଚଳିତ ନିର୍ବାଚନରେ କରାଯାଇଥିଲା। ସୋମବାର ସନ୍ଧ୍ୟା ସୁଦ୍ଧା ୪ବୁଥ୍‌ରେ ମୋଟ ୭୫ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି। ପିଙ୍କ୍ ବୁଥ୍‌ରେ ୧୧୮୩ ରୁ ୮୪୩, ଦ୍ୱିତୀୟ ବୁଥ୍‌ରେ ୮୬୫ ରୁ ୭୦୧, ତୃତୀୟ ବୁଥ୍‌ରେ ୬୪୦ରୁ ୫୩୦ ଏବଂ ଚତୁର୍ଥ ବୁଥ୍‌ରେ ୫୦୭ ରୁ ୪୩୬ ମତଦାନ ହୋଇଥିଲା। ବିଷମକଟକ ତହସିଲଦାର ଏବଂ ବିଷମକଟକ ବିଡିଓ ସମସ୍ତ ବୁଥ୍‌ରେ କିପରି ନିର୍ବାଚନ ଚାଲିଛି ସେ ସମ୍ପର୍କରେ ଟିକିନିଖି ନଜର ରଖିଥିଲେ। ଭୋଟ ଦେବା ସମୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଜଣାପଡ଼ିଛି।

# ମତଦାନ ପାଇଁ ୧୫ କି.ମି. ଚାଲିଲେ ଡଙ୍ଗରିଆ କନ୍ଧ

**ରାୟଗଡ଼ା, ୧୩।୫ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲାରେ ସୋମବାର ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି। ତେବେ ଜିଲା ପ୍ରଶାସନ ପକ୍ଷରୁ ସାଧାରଣ ନିର୍ବାଚନ ପରିଚାଳନା ଯେତେ ବ୍ୟବସ୍ଥିତ କଲେ ମଧ୍ୟ ଡଙ୍ଗରିଆଙ୍କ ମତଦାନରେ ପ୍ରଶାସନିକ ଅବ୍ୟବସ୍ଥା ଦେଖାଦେଇଛି। ନିୟମଗିରି ପର୍ବତରେ ବସବାସ କରୁଥିବା ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ଲୋକେ ପ୍ରାୟ ୧୫ କି.ମି. ଦୂର ଚାଲି ଚାଲି ଆସି ମତଦାନ କରିଥିବା ଜଣାପଡ଼ିଛି। ୨୫ରୁ ଊର୍ଦ୍ଧ୍ୱ ଗ୍ରାମର ଶତାଧିକ ସଂଖ୍ୟାରେ ଡଙ୍ଗରିଆ କନ୍ଧ ମହିଳା ଓ ପୁରୁଷ ଚାଲି ଚାଲି ଆସି ନିୟମଗିରି ପାଦଦେଶରେ ଥିବା ମୁନିଗୁଡ଼ା ବ୍ଲକ ମୁନିଖୋଲ ପଞ୍ଚାୟତର ଶକଟା ଓ ଭାଲିଆପଦର ବୁଥ୍ ଆଗରେ ଲମ୍ବା ଧାଡ଼ିରେ ଠିଆ ହୋଇ ମତଦାନ କରିଥିଲେ। ଏହି ୨ ବୁଥ୍ ଅତି ସମ୍ବେଦନଶୀଳ ହୋଇଥିବାରୁ ପୋଲିସ ଓ ସିଆର୍‌ପିଏଫ୍ ଯବାନ ମୁତୟନ ହୋଇଥିଲେ। ଦୁଇ ବୁଥ୍‌ରେ ସିସିଟିଭି କ୍ୟାମେରା ମଧ୍ୟ ଲଗାଯାଇଥିଲା। ମତଦାନ କେନ୍ଦ୍ର ଦୂରରେ ରହିଥିବା ସତ୍ତ୍ୱେ ଭୋଟର ଉତ୍ସାହ ଓ ଶାନ୍ତିର ସହ ମତଦାନ କରିଥିଲେ। ତେବେ ମତଦାନ କେନ୍ଦ୍ର କେଉଁ କାରଣରୁ ୧୫ କି.ମି. ଦୂରରେ ହେଲା ସେଥିପାଇଁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ମନୋଜ ସତ୍ୟୱାନ ମହାଜନ। ଅନ୍ୟପଟେ ସୁରୁଖୁରୁରେ ନିର୍ବାଚନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ନେଇ ଜିଲା ନିର୍ବାଚନ ଅଧିକାରୀ ମନୋଜ ସତ୍ୟୱାନ ମହାଜନ ପୂର୍ବରୁ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ତେବେ ସେତେବେଳେ ନିୟମଗିରିର ଆଦିମ ଜନଜାତି ଡଙ୍ଗରିଆ କନ୍ଧ ସମ୍ପ୍ରଦାୟ କଥା ପ୍ରଶାସନ ଚିନ୍ତାକରି ନ ଥିଲା କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଆଗାମୀ ଦିନରେ ଡଙ୍ଗରିଆ କନ୍ଧ ସମ୍ପ୍ରଦାୟ ବସବାସ କରୁଥିବା ଏହି ୨୫ ଗ୍ରାମ ପାଇଁ ମତଦାନ କେନ୍ଦ୍ର କିଭଳି ନିକଟତର ହୋଇପାରିବ ସେଥିପାଇଁ ପୂର୍ବ ଯୋଜନା ପ୍ରସ୍ତୁତି କରିବାକୁ ଦାବି ହୋଇଛି।

## ଜିଲାପାଳ ଦେଲେ ତଦନ୍ତ ନିର୍ଦ୍ଦେଶ


ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ଲୋକେ ଭୋଟ ଦେବା ପାଇଁ ବୁଥ୍ ସମ୍ମୁଖରେ ଲାଇନରେ ଛିଡ଼ା ହୋଇଛନ୍ତି।

# ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ଗାନ୍ଧୀ ପବ୍ଲିକ୍ ସ୍କୁଲ ଛାତ୍ରୀଛାତ୍ରଙ୍କ ସଫଳତା

**ଗୁଣପୁର, ୧୩।୫ (ପ୍ରଦୀପ କୁମାର ପାଢ଼ୀ)**

ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ରାୟଗଡ଼ା ଜିଲା ଗୁଣପୁର ଗାନ୍ଧୀ ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ର ସଫଳତା ଅର୍ଜନ କରିଛନ୍ତି। ବିଦ୍ୟାଳୟର ଛାତ୍ରୀ କଲ୍ୟାଣୀ ଗୌଡ଼ ପ୍ରଥମ, ବିପ୍ଲବୀ ହାଲବା ଦ୍ୱିତୀୟ ଏବଂ ଅର୍ପିତ ପଣ୍ଡା ତୃତୀୟ ସ୍ଥାନରେ ଅଛନ୍ତି। ବିଦ୍ୟାଳୟର ଅଧକ୍ଷ ସୁବ୍ରତ ରଞ୍ଜନ ପାଠୀ, ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା ,ଜିଆଇଇଟି ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଡ. ସତ୍ୟପ୍ରକାଶ ପଣ୍ଡା ଓ ସମ୍ପାଦକ ଡ. ଚନ୍ଦ୍ରଧ୍ୱଜ ପଣ୍ଡା ଛାତ୍ରୀଛାତ୍ରଙ୍କ ସଫଳତାରେ ଖୁସିବ୍ୟକ୍ତ କରି ଅଭିନନ୍ଦନ ଜଣାଇଥିଲେ।

# ୧୬୫ କଏଦୀ ମତଦାନରୁ ବଞ୍ଚିତ

**ରାୟଗଡ଼ା, ୧୩।୫ (ଆଶିଷ ରଞ୍ଜନ ପଣ୍ଡା)**

ରାଜ୍ୟର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସୋମବାର ରାୟଗଡ଼ାରେ ଅନୁଷ୍ଠିତ ହୋଇଛି। ହେଲେ ରାୟଗଡ଼ା ଜିଲା କୋର୍ଟ ପରିସରରେ ଥିବା ଉପକାରାଗାରରେ ବନ୍ଦୀ ଜୀବନ କାଟୁଥିବା କଏଦୀଙ୍କ ମତଦାନ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ୧୬୫ ଜଣ କଏଦୀ ଭୋଟଦାନରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୫୪ ଜଣ ପୁରୁଷ ଓ ୧୧ ଜଣ ମହିଳା କଏଦୀ ଅଛନ୍ତି। ୨୭ଜଣ ସଜା ପାଇ ଜେଲଦଣ୍ଡ ଭୋଗୁଛନ୍ତି। ଏ ସମ୍ପର୍କରେ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଗଣେଶ ବନଙ୍କୁ ପଚାରିବାରୁ ଜେଲରେ ରହୁଥିବା କଏଦୀଙ୍କ ଭୋଟ ଦେବା ନେଇ କୌଣସି ବ୍ୟବସ୍ଥା ନାହିଁ ଏବଂ ଆଗରୁ ମଧ୍ୟ ସେଭଳି କେବେ କିଛି ସରକାରୀ ନିର୍ଦ୍ଦେଶନାମା ଆସିନାହିଁ ବୋଲି ସେ କହିଛନ୍ତି। ତେବେ ଜେଲରେ ରହୁଥିବା କଏଦୀ ମଧ୍ୟ ଭାରତୀୟ ନାଗରିକ। ତେଣୁ ସେମାନଙ୍କ ପାଇଁ ମଧ୍ୟ ମତଦାନ ସାବ୍ୟସ୍ତ ନେଇ ବ୍ୟବସ୍ଥା ରହିବା ଦରକାର ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ଯଦିଓ ସେମାନେ କଏଦୀ ଏବଂ ଜେଲ ବାହାରକୁ ଛଡ଼ାଯାଇପାରିବ ନାହିଁ, ତେଣୁ ସେମାନଙ୍କ ପାଇଁ ନିର୍ବାଚନ ଆୟୋଗ ପକ୍ଷରୁ ରହିଥିବା ପୋଷ୍ଟାଲ ବାଲଟ ବ୍ୟବସ୍ଥା କରାଯାଇପାରିବ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

## ରାୟଗଡ଼ା ଉପ କାରାଗାରରେ ନାହିଁ ଭୋଟଦାନ ବ୍ୟବସ୍ଥା




# ଭୋଟ ଦେଲେନି କନ୍ଧଚମ୍ପିଆ ଗ୍ରାମବାସୀ

**ରାୟଗଡ଼ା, ୧୩।୫ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା ବିଷମକଟକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୋଲନରା ବ୍ଲକର କନ୍ଧଚମ୍ପିଆ, କର୍ଣ୍ଣପାଡୁ ଓ ଡଙ୍ଗପାଡୁ ଗ୍ରାମର ଭୋଟର ସୋମବାର ମତଦାନ କରିନାହାନ୍ତି। ୪୫୨ ଜଣ ଭୋଟରଙ୍କ ପାଇଁ କନ୍ଧଚମ୍ପିଆଠାରେ ବୁଥ୍ ହୋଇଥିଲା। ହେଲେ ଗାଁରେ ପାଣି, ରାସ୍ତା ଓ ଚାଷଜମିକୁ କେନାଲ ମାଧ୍ୟମରେ ପାଣି ପହଞ୍ଚାଇବା ଭଳି ମୌଳିକ ସମସ୍ୟାର ସମାଧାନ କରାଯାଉ ନ ଥିବା ପ୍ରତିବାଦରେ ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଇଥିଲେ ଗ୍ରାମବାସୀ। ଫଳରେ ସୋମବାର କେହି ମଧ୍ୟ ସେମାନଙ୍କ ମତ ସାବ୍ୟସ୍ତ କରିନାହାନ୍ତି। ଖବରପାଇ ବିଡିଓ ରୀନା ପ୍ରଧାନ ଗାଁକୁ ଆସି ଲୋକଙ୍କ ସହ ଆଲୋଚନା କରିଥିଲେ। ତଥାପି କୌଣସି ସୁଫଳ ମିଳି ନ ଥିଲା। ଏଭଳିକି ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଏହାର ପ୍ରତିବାଦ କରିଥିଲେ। ଏହାପରେ କୋଲନରା ତହସିଲଦାର ଏବଂ ଚାନ୍ଦିଲି ଥାନା ଆଇଆଇସି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଗ୍ରାମବାସୀ ସେମାନଙ୍କ ଜିଦରେ ଅଟଳ ରହିଥିଲେ।

ଗ୍ରାମବାସୀଙ୍କ କହିବା କଥା, ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଗାଁରେ ଥିବା ପାନୀୟଜଳ ସମସ୍ୟା ସମାଧାନ ହେଉନାହିଁ। ଜମିକୁ ଜଳସେଚନ ହେଉନାହିଁ କିମ୍ବା ରାସ୍ତା ମରାମତି ହେଉନାହିଁ। ପ୍ରଶାସନ ପକ୍ଷରୁ ସମସ୍ୟା ସମାଧାନ ନ ହେଲେ ଭୋଟ ବର୍ଜନ କରିବୁ ବୋଲି ପୂର୍ବରୁ ଲିଖିତଭାବେ ଜଣାଇଥିଲୁ। ଭୋଟ ବର୍ଜନ ଚେତାବନୀ ପରେ ମଧ୍ୟ କୌଣସି ପଦକ୍ଷପ ନିଆ ନ ଯିବାକୁ ଭୋଟ ବର୍ଜନ କରିବାକୁ ବାଧ୍ୟ ହେଲୁ ବୋଲି ଗ୍ରାମବାସୀ କହିଛନ୍ତି। ସେହିଭଳି ପାନୀୟଜଳ ସମସ୍ୟା ନେଇ ବାରମ୍ବାର ନିବେଦନ ପରେ ମଧ୍ୟ ସମାଧାନ ନ ହେବା କାରଣରୁ କୋଲନରା ବ୍ଲକ ଗାଡ଼ିଶେଷଖାଲ ପଞ୍ଚାୟତ ମାଉଡ଼ିଗୁଡ଼ା ଗ୍ରାମବାସୀ ଭୋଟ ବର୍ଜନ କରିଛନ୍ତି। ଏହି ଗ୍ରାମର ପ୍ରାୟ ୮୯ ଜଣ ଭୋଟର ମତଦାନ କଲେ ନାହିଁ। ତେବେ ବ୍ଲକ ପ୍ରଶାସନର ତ୍ରୁଟି ଯୋଗୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି।

## ମୌଳିକ ସମସ୍ୟାରୁ ବଞ୍ଚିତ ଅଭିଯୋଗ


ଭୋଟ ବର୍ଜନ କରିଥିବା କନ୍ଧଚମ୍ପିଆ ଗ୍ରାମବାସୀଙ୍କ ସହ ବିଡିଓ ଆଲୋଚନା କରୁଛନ୍ତି।

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/24-25/E-Tender/08 ତା.07.05.2024ରିଖ

1) ଟେଣ୍ଡର ସଂ. etenderestatekur-31-2024, ତା.01.05.2024ରିଖ

**ବିବରଣୀ :** ବରିଷ୍ଠ ସେକ୍ସନ ଯନ୍ତ୍ରୀ (କାର୍ଯ୍ୟ)/ ମଞ୍ଚେଶ୍ୱରଙ୍କ ଅଧିନରେ ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର (କାରଖାନା) ସେକ୍ସନରେ 30.06.2024 ସମୟସୀମା ପାଇଁ ନୂତନ କାର୍ଯ୍ୟ, ଯୋଗ ଏବଂ ପରିବର୍ତ୍ତନ, ବିଭିନ୍ନ ପ୍ରକୃତିର ସମସ୍ତ ସାଧାରଣ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ପ୍ରତ୍ୟେକର ମୂଲ୍ୟ ଟ.5,00,000/- କିମ୍ବା ତା'ଠାରୁ କମ୍ ହେବା ଆବଶ୍ୟକ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 123.57 ଲକ୍ଷ, EMD (₹) : 2,11,800.00 ।

2) ଟେଣ୍ଡର ସଂ. etenderestatekur-32-2024, ତା.01.05.2024ରିଖ

**ବିବରଣୀ :** ବରିଷ୍ଠ ସେକ୍ସନ ଯନ୍ତ୍ରୀ (କାର୍ଯ୍ୟ)/ ମଞ୍ଚେଶ୍ୱରଙ୍କ ଅଧିନରେ ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର କଲୋନୀ (କାରଖାନାକୁ ଛାଡ଼ି) ସହିତ ସେଣ୍ଟ୍ରାଲ୍ ହସ୍ପିଟାଲ ସେକ୍ସନରେ 30.06.2024 ସମୟସୀମା ପାଇଁ ନୂତନ କାର୍ଯ୍ୟ, ଯୋଗ ଏବଂ ପରିବର୍ତ୍ତନ, ବିଭିନ୍ନ ପ୍ରକୃତିର ସମସ୍ତ ସାଧାରଣ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ପ୍ରତ୍ୟେକର ମୂଲ୍ୟ ଟ.5,00,000/- କିମ୍ବା ତା'ଠାରୁ କମ୍ ହେବା ଆବଶ୍ୟକ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 139.21 ଲକ୍ଷ, EMD (₹) : 2,19,600.00 ।

3) ଟେଣ୍ଡର ସଂ. etenderestatekur-33-2024, ତା.01.05.2024ରିଖ

**ବିବରଣୀ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ଇଷ୍ଟେଟ)/ ଭୁବନେଶ୍ୱରଙ୍କ ଅଧିକାର କ୍ଷେତ୍ର ଅଧିନରେ ମଞ୍ଚେଶ୍ୱର କଲୋନୀରେ ବିଦ୍ୟମାନ ଉଦ୍ୟାନ କୃଷି କାର୍ଯ୍ୟର ରକ୍ଷଣାବେକ୍ଷଣ, ବିସ୍ତାର ଏବଂ ପରିବର୍ତ୍ତନ ପାଇଁ ମୂଲ୍ୟ ଟ.5,00,000/- (5 ଲକ୍ଷ) କିମ୍ବା ତା'ଠାରୁ କମ୍‌ରେ ଆଞ୍ଚଳିକ ଚୁକ୍ତି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 52.32 ଲକ୍ଷ, EMD (₹) : 1,04,700.00 ।

ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ ଟେଣ୍ଡର ନିମନ୍ତେ)।

**ଟେଣ୍ଡରର ବନ୍ଦ ହେବା ତାରିଖ ଓ ସମୟ :** (ସମସ୍ତ ଟେଣ୍ଡର ନିମନ୍ତେ) ତା.22.05.2024ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-110/P/24-25

# ନବରଙ୍ଗପୁର ଜିଲାରେ ୭୫.୬୯% ଭୋଟ

■ ଇଭିଏମ୍ ଅଚଳ ହୋଇଥିବା ବୁଥ୍‌ରେ ବିଳମ୍ବରେ ଆରମ୍ଭ ହେଲା ମତଦାନ

■ ମୌଳିକ ସମସ୍ୟା ଥିବା ଅଭିଯୋଗରେ ଭୋଟ ଦେଲେନି ୧୭ ଗାଁର ଲୋକେ

**ନବରଙ୍ଗପୁର,୧୩।୫(ସଦାଶିବ ପ୍ରହରାଜ)**


ନବରଙ୍ଗପୁର ବିଜେଡି ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି ଭୋଟ ଦେବାକୁ ଧାଡ଼ିରେ ଛିଡ଼ା ହୋଇଛନ୍ତି।


ରାଇଘରର ଏକ ବୁଥ୍‌ରେ ମହିଳା ଭୋଟରମାନେ ଭୋଟ ଦେବାକୁ ଅପେକ୍ଷା କରିଛନ୍ତି।

ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସୋମବାର ସରିଛି। ନବରଙ୍ଗପୁରର ଲୋକ ସଭା କ୍ଷେତ୍ରରେ ସନ୍ଧ୍ୟା ୫ଟା ସୁଦ୍ଧା ୬୫.୭ ପ୍ରତିଶତ ମତଦାନ ହୋଇଛି। ନବରଙ୍ଗପୁର ଜିଲାର ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ହାରାହାରି ୭୫.୬୯ ପ୍ରତିଶତ ମତଦାନ ହୋଇଛି। ଝରିଗାଁରେ ୭୫.୨୦, ଉମରକୋଟରେ ୭୭, ଡାବୁଗାଁରେ ୭୭.୧୦ ଓ ନବରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ୭୩.୪୪ % ମତଦାନ ହୋଇଛି। ଝରିଗାଁ ବ୍ଲକ ଅଧୀନ କୁହୁରାକୋଟ, ରାଇଘର ବ୍ଲକର ୧୫ ଗାଁ ଓ ତେନ୍ତୁଳିଖୁଣ୍ଟି ବ୍ଲକର ଖୁଣ୍ଟିଆଗୁଡ଼ାବାସୀ ଭୋଟ ବର୍ଜନ କରିଛନ୍ତି। ଝରିଗାଁ ନିର୍ବାଚନ ମଣ୍ଡଳୀର ଦେଉଳକୋନା ଗାଁର ୨୦୪ ନମ୍ବର ବୁଥ୍‌ରେ ଭାଜପା ପ୍ରାର୍ଥୀଙ୍କୁ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏହା ବ୍ୟତୀତ ଜିଲାର ସମସ୍ତ ବୁଥ୍‌ରେ ଶାନ୍ତି ଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି।

ଓଡ଼ିଶାର ହେଉଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ନବରଙ୍ଗପୁର ଲୋକ ସଭା କ୍ଷେତ୍ରରେ ମତଦାନ କରାଯାଇଛି। ଝରିଗାଁ ବିଧାନ ସଭା ପ୍ରାର୍ଥୀ ରମେଶ ଚନ୍ଦ୍ର ମାଝି ଚନ୍ଦାହାଣ୍ଡି ବ୍ଲକସ୍ଥିତ ନିଜ ଗାଁ ଦଣ୍ଡାମୁଣ୍ଡାର ବୁଥ୍ ନମ୍ବର ୧୨୦ରେ ଭାଇ ପ୍ରକାଶ ମାଝି ଓ ପରିବାର ଲୋକଙ୍କ ସହ ମତଦାନ କରିଛନ୍ତି । ଭାଜପା ଏମପି ପ୍ରାର୍ଥୀ ବଳଭଦ୍ର ମାଝୀ ଓ ତାଙ୍କ ସ୍ତ୍ରୀ ଗଞ୍ଜେଶ୍ୱରୀ ମାଝି ଫଟକି ପଞ୍ଚାୟତ ଲୁଧୂପଡା ବୁଥ୍‌ରେ ମତଦାନ କରିଛନ୍ତି। ବିଜେଡି ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି ଝରିଗାଁ ସଖୀ ବୁଥ୍‌ରେ ମତଦାନ କରିଛନ୍ତି।

ଭୋଟ ଦେବାକୁ ଭୋଟରଙ୍କ ମନରେ ବହୁତ ଉତ୍ସାହ ଦେଖାଯାଇଛି। ଝରିଗାଁ ବ୍ଲକର ସମସ୍ତ ମତଦାନ କେନ୍ଦ୍ର ବାହାରେ ସକାଳ ୬ଟାରୁ ଲୋକଙ୍କ ଭିଡ଼ ରହିଥିଲା। ଡାବୁଗାଁର ୨୪୧ ବୁଥ୍‌ରେ ଶାନ୍ତିପୂର୍ଣ୍ଣ ମତଦାନ ହୋଇଛି। ବୁଥ୍ ନମ୍ବର ୨୧୯ ଇଭିଏମ୍ ଖରାପ ଯୋଗୁ ୪୦ ମିନିଟ୍ ଓ ମୋକିଆ ବୁଥ୍ ନମ୍ବର ୧୮୪ରେ ଭିଭିପିଏଟି ସମସ୍ୟା ଯୋଗୁ ୧୦ ମିନିଟ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ଆଶ୍ରମ ବିଦ୍ୟାଳୟ ଲାବାନ୍ୟ ପଦର ବୁଥ୍ ନମ୍ବର ୨୩୭ ଇଭିଏମ୍ ଖରାପ ଯୋଗୁ ୮ଟାରେ ମତଦାନ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ଦିବ୍ୟାଙ୍ଗଙ୍କ ପାଇଁ ଭଲିଣ୍ଟିୟରଙ୍କ ସହ ହୁଇଲ୍ ଚେୟାର ବ୍ୟବସ୍ଥା କରାଯାଇଛି। ଯୁବ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ସେଲ୍ଫି ପଏଣ୍ଟ ସହ ଏଥିନିକ, ଇକୋ ଫ୍ରେଣ୍ଡଲି ଓ ଅଦର ଥିମ୍ କର୍ନର ବ୍ୟବସ୍ଥା କରାଯାଇଥିଲା।

## ଖାଲି ପଡ଼ିଲା ବୁଥ୍ ନମ୍ବର ୨୧୪

**ଝରିଗାଁ,୧୩।୫ (କିଶୋର ଚନ୍ଦ୍ର ମଣ୍ଡଳ)**

**ଭୋଟ ଦେଲେନି କୁହୁରାକୋଟ ଗ୍ରାମବାସୀ**


ମତଦାନ କେନ୍ଦ୍ରରେ ପୋଲିଂ ଅଧିକାରୀ ଜଗି ବସିଛନ୍ତି।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବାଣ୍ଡୁଆଗୁଡ଼ା ପଞ୍ଚାୟତ ଅଧୀନ କୁହୁରାକୋଟ ଗ୍ରାମବାସୀ ଭୋଟ ବର୍ଜନ କରିଛନ୍ତି। ସେମାନଙ୍କ ଥିବା ବିଭିନ୍ନ ଦାବି ପୂରଣ ନ ହେଲେ ଭୋଟ ବର୍ଜନ କରିବେ ବୋଲି ମାର୍ଚ୍ଚ ୩୦ରୁ ଗ୍ରାମବାସୀ ଚେତାବନୀ ଦେଇଥିଲେ। ଦାବି ପୂରଣ ହୋଇ ନ ଥିବାରୁ ଗ୍ରାମବାସୀ ସୋମବାର ଭୋଟ ଦେଇ ନ ଥିଲେ। ଫଳରେ ଝରିଗାଁ ନିର୍ବାଚନ ମଣ୍ଡଳୀର କୁହୁରାକୋଟସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଥ୍ ନମ୍ବର ୨୧୪ ଖାଲି ପଡ଼ିଥିଲା। ଜୋନାଲ ମାଜିଷ୍ଟ୍ରେଟଙ୍କ ସହ ବିଡିଓ ପ୍ରୀତା କୁମାର, ତହସିଲଦାର ଶଙ୍କର ପଟ୍ଟନାୟକ ବାରମ୍ବାର ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କେହି ମତଦାନ କେନ୍ଦ୍ରକୁ ଆସି ନ ଥିଲେ।

କୁହୁରାକୋଟକୁ ରାଜସ୍ୱ ଗ୍ରାମ ମାନ୍ୟତା ପାଇଁ ଗ୍ରାମବାସୀ ଦୀର୍ଘ ବର୍ଷ ଧରି ଦାବି କରି ଆସୁଛନ୍ତି। କିନ୍ତୁ ଏବେ ଯାଏ ସେମାନଙ୍କ ଏହି ଦାବି ପୂରଣ ହୋଇପାରିନି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବ୍ଲକ, ଜିଲା ପ୍ରଶାସନ ଏବଂ ସ୍ଥାନୀୟ ଲୋକ ପ୍ରତିନିଧିମାନଙ୍କୁ ବାରମ୍ବାର ଦାବି କରିବା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଗାଁ ସ୍କୁଲରେ ଥିବା ସମସ୍ୟା ମଧ୍ୟ ସମାଧାନ ହୋଇ ନ ଥିଲା। ସ୍କୁଲରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୬୦ ଜଣ ଛାତ୍ରୀଛାତ୍ର ପଢୁଥିବାବେଳେ ଆବଶ୍ୟକତାଠାରୁ କମ୍ ଶ୍ରେଣୀ ରହିଛି। ସ୍କୁଲ ଚାରିପଟେ ସମ୍ପୂର୍ଣ୍ଣ ପାଚେରି ନିର୍ମାଣ ହୋଇନାହିଁ। ଏସବୁ ସମସ୍ୟା ନେଇ କୁହୁରାକୋଟ ଗ୍ରାମର ସୁନାଧର ଗୌଡ଼ଙ୍କ ସଭାପତିତ୍ୱରେ ପୂର୍ବରୁ ଏକ ବୈଠକ କରାଯାଇଥିଲା। ଦାବି ପୂରଣ ନ ହେଲେ ଭୋଟ ବର୍ଜନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

## ଜଳବନ୍ଦୀ ଅଞ୍ଚଳର ୨ବୁଥ୍‌ରେ ୮୦% ପୋଲିଂ

**ତେନ୍ତୁଳିଖୁଣ୍ଟି, ୧୩।୫(ଚିଦାନନ୍ଦ ସାହୁ)**

**ପ୍ରଥମଥର ପାଇଁ ନିଜ ଅଞ୍ଚଳରେ ଭୋଟ ଦେଇ ଖୁସିବ୍ୟକ୍ତକଲେ**

ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ତେନ୍ତୁଳିଖୁଣ୍ଟି ବ୍ଲକର ଜଳବନ୍ଦୀ ଅଞ୍ଚଳବାସୀଙ୍କ ନିମନ୍ତେ ପ୍ରଥମ ଥର ପାଇଁ ନିଜ ଅଞ୍ଚଳରେ ବୁଥ୍ କରାଯାଇଛି। ଜଳବନ୍ଦୀବାସୀ ପ୍ରଥମ ଥର ପାଇଁ ନିଜ ଅଞ୍ଚଳରେ ସାଧାରଣ ନିର୍ବାଚନରେ ଭୋଟ ଦେଇଛନ୍ତି। ବିଚ୍ଛିନ୍ନାଞ୍ଚଳ ୫ଟି ଗାଁ ପାଇଁ ୨ବୁଥ୍ କରାଯାଇଥିଲା। ଟାଙ୍ଗନୀକୋଟରେ ହୋଇଥିବା ୨୬୮ ନମ୍ବର ବୁଥ୍‌ରେ ବାଗ୍ରାଝଲାଗୁଡ଼ା ଓ ଉକ୍ତ ଗ୍ରାମର ୧୫୮ ଭୋଟରଙ୍କ ମଧ୍ୟରୁ ୧୪୦ଜଣ ମତଦାନ କରିଛନ୍ତି। ଗୁରୁମାୟୀଗୁଡ଼ାରେ ହୋଇଥିବା ୨୬୯ ନମ୍ବର ବୁଥ୍‌ରେ ତଲଙ୍ଗ ଓ ଗୁରୁମାଇଗୁଡ଼ାର ୨୮୮ ଭୋଟରଙ୍କ ମଧ୍ୟରୁ ୨୨୫ ଜଣ ମତ ସାବ୍ୟସ୍ତ କରିଛନ୍ତି। ଏହି ୨ ବୁଥ୍‌ରେ ୮୦ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି। ପୂର୍ବରୁ ଭୋଟରମାନେ ଡଙ୍ଗା ପାରି ହୋଇ କେନ୍ଦୁଗୁଡ଼ାରେ ଭୋଟ ଦେଉଥିଲେ। ଏବେ ନିଜ ଗ୍ରାମ ନିକଟରେ ଭୋଟଦେଇ ଖୁସିବ୍ୟକ୍ତ କରିଛନ୍ତି।

## ଆସିଲେନି ଭୋଟର, ବସିରହିଲେ ପୋଲିଂ କର୍ମଚାରୀ


ଭୋଟ ବର୍ଜନ କରିଥିବା ଗ୍ରାମବାସୀ ।

**ତେନ୍ତୁଳିଖୁଣ୍ଟି, ୧୩।୫(ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଲମତାଗୁଡ଼ା ପଞ୍ଚାୟତ ଖୁଣ୍ଟିଆଗୁଡ଼ା ଗ୍ରାମବାସୀ ଭୋଟ ବର୍ଜନ କରିଛନ୍ତି। ଫଟଗୁଡ଼ାରୁ ଖୁଣ୍ଟିଆଗୁଡ଼ା ପର୍ଯ୍ୟନ୍ତ ପକ୍କା ରାସ୍ତା କରିବାକୁ ଗ୍ରାମବାସୀ ୧୫ ବର୍ଷ ହେବ ଦାବି କରି ଆସୁଥିଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ କରି ସେମାନେ ଭୋଟଦେବାକୁ ଯାଇ ନ ଥିଲେ। ଜିଲାପାଳ କମଳ ଲୋଚନ ମିଶ୍ର, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରକଳ୍ପ ନିର୍ଦ୍ଦେଶକ ସେମାନଙ୍କୁ ବୁଝାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବୁଡି ଅଞ୍ଚଳବାସୀ ରହୁଥିବା ସାହିଠାରୁ ଆମ୍ବତୋଟା ପର୍ଯ୍ୟନ୍ତ ମାଟି ରାସ୍ତା କରାଯାଇଛି। ବୁଡି ଅଞ୍ଚଳବାସୀ ଯେଉଁଠି ରହିବେ ସେହି ଗ୍ରାମକୁ ପକ୍କା ରାସ୍ତା ସହ ଅତ୍ୟାବଶ୍ୟକ ସେବା ପ୍ରକଳ୍ପ କର୍ତ୍ତୃପକ୍ଷ ଯୋଗାଇଦେବା ନିୟମ ରହିଥିବାବେଳେ ଏପରି ହେଉ ନ ଥିବାରୁ ଗ୍ରାମବାସୀ ଏହି ନିଷ୍ପତ୍ତି ନେଇଥିବା ଜଣାଇଛନ୍ତି।

## ଭୋଟ ବର୍ଜନ କଲେ ୧୫ ଗ୍ରାମବାସୀ


ଖୁଡୁକୁ ପଞ୍ଚାୟତବାସୀ ବୈଠକ କରୁଛନ୍ତି।

**ରାଇଘର, ୧୩।୫(କିରଣ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ଉମରକୋଟ ନିର୍ବାଚନମଣ୍ଡଳୀ ରାଇଘର ବ୍ଲକ ଖୁଡୁକୁ ପଞ୍ଚାୟତର ୧୦ ଓ ହଳଦୀ ପଞ୍ଚାୟତର ୫ ଗାଁର ଲୋକେ ଭୋଟ ବର୍ଜନ କରିଛନ୍ତି। ବିଭିନ୍ନ ମୌଳିକ ସୁବିଧା ପୂରଣ ନ ହେବା ଯାଏ ଭୋଟ ଦେବୁ ନାହିଁ ବୋଲି ସେମାନେ କହିଛନ୍ତି।

ଖୁଡୁକୁ ପଞ୍ଚାୟତର ୨୦୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏକ ବୈଠକ କରି ଏହି ନିଷ୍ପତ୍ତି ନେଇଥିବା ଜଣାପଡିଛି। ଭୋଟ ଆସିଲେ ନେତା ଆଉ ସରକାରୀ କର୍ମଚାରୀ ଆସୁଛନ୍ତି। ଏହାର ୫ ବର୍ଷ ଦେଖା ମିଳୁନାହିଁ। ଏଫ୍‌ଆର୍‌ସି କମିଟି କରାଯାଉନାହିଁ କି ଜମି ପଟ୍ଟା ଦିଆଯାଇନାହିଁ, ପଟ୍ଟା ନଥିବାରୁ ପିଲାଙ୍କ ପାଠପଢା ସହ ଅନେକ ପ୍ରକାର ସୁବିଧା ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଙ୍ଗନୱାଡି କେନ୍ଦ୍ର ନାହିଁ, ଶିକ୍ଷା,ରାସ୍ତା, ବିଦ୍ୟୁତ୍, ଶୌଚାଳୟ ପାନୀୟ ଜଳ ସୁବିଧା ନାହିଁ ବୋଲି ଆଦିବାସୀ ଅଧିକାର ମଞ୍ଚ ଉପସଭାପତି ରେନ୍ଦୁ ଗଣ୍ଡ, ସୁକଦାସ ଗଣ୍ଡ, ରାମୁ ଗଣ୍ଡ, ରତିରାମ ଗଣ୍ଡ, ଲକ୍ଷ୍ମୁ ଗଣ୍ଡ, ଖେଦୁରାମ ଗଣ୍ଡ, ଆସମନ ଗଣ୍ଡଙ୍କ ସମେତ ଗାଁର ମହିଳାମାନେ କହିଛନ୍ତି। କୁନ୍ଦେଇ ଥାନାଧିକାରୀ ପ୍ରଶାନ୍ତ ସେଠୀ, ରାଇଘର ଏବିଡିଓ ବିଜୟ କୁମାର ସେଠୀ, ରାଇଘର ବ୍ଲକ କନିଷ୍ଠ ଯନ୍ତ୍ରୀ ସିଦ୍ଧାର୍ଥ ରଣା, ତହସିଲଦାର ରିତୁ ସିଙ୍ଗ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କିଛି ସୁଫଳ ମିଳିନି।

## ଡାବୁଗାଁ,ଝରିଗାଁରେ ନିର୍ବାଚନ ଶାନ୍ତିପୂର୍ଣ୍ଣ

**ଡାବୁଗାଁ/ଝରିଗାଁ, ୧୩।୫ (ପ୍ରଜ୍ଞାରଞ୍ଜନ ପରିଡ଼ା/କିଶୋର ଚନ୍ଦ୍ର ମଣ୍ଡଳ)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ଶାନ୍ତି ଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି। ଡାବୁଗାଁ ବ୍ଲକ ଅଧୀନ ୫୫ ବୁଥ୍ ଥିବାବେଳେ ସନ୍ଧ୍ୟା ୬ଟା ସୁଦ୍ଧା ୫୧ଟି ବୁଥରେ ମତଦାନ ଶେଷ ହୋଇଥିଲା। ଅନ୍ୟ ୪ ବୁଥ୍ ଯଥା ପାରିଆବେଡ଼ା, ମୁଣ୍ଡିଗୁଡ଼ା, ନନ୍ଦପୁରା ଓ ମେଣ୍ଡ୍ରା ବୁଥ୍‌ରେ ମତଦାନ ଚାଲୁଛି। ଉମୁରହାଣ୍ଡି ବୁଥ୍‌ରେ ମତଦାନ ସମୟ ପୂର୍ବରୁ ଭିଭିପିଏଟିରେ ତ୍ରୁଟି ପରିଲକ୍ଷିତ ହେବାରୁ ତାହାକୁ ବଦଳା ଯାଇଥିଲା। ଡାବୁଗାଁ ବ୍ଲକରେ ପୁରୁଷଙ୍କଠାରୁ ଅଧିକ ମହିଳା ଭୋଟର ମତଦାନ କରିଛନ୍ତି। ସନ୍ଧ୍ୟା ୭ଟା୩୦ ସୁଦ୍ଧା ଡାବୁଗାଁ ବ୍ଲକରେ ୮୫% ମତଦାନ ହୋଇଛି।

ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଥିବାବେଳେ ଝରିଗାଁ ବ୍ଲକର ସମସ୍ତ ବୁଥ୍ ବାହାରେ ସକାଳ ୬ଟାରୁ ଲୋକେ ଭୋଟ ଦେବାକୁ ପହଞ୍ଚି ଯାଇଥିଲେ। ମତଦାନ ପୂର୍ବରୁ ହାତୀବାଡ଼ି, କୋଇଗାଁ ବୁଥ୍‌ରେ ଭୋଟିଂ ମେସିନ ଅଚଳ ହୋଇଥିବାବେଳେ ସେକ୍ଟର ଅଫିସରଙ୍କ ଦ୍ୱାରା ତୁରନ୍ତ ତାହାକୁ ବଦଳାଯାଇଥିଲା। ଝରିଗାଁ ନିର୍ବାଚନମଣ୍ଡଳୀରେ ମୋଟ ୨୫୫ ବୁଥ୍‌ରେ ଭୋଟ୍ ଗ୍ରହଣ କରାଯାଇଛି। ୧୩୭ ବୁଥ୍‌ରେ ସିସି କ୍ୟାମେରା ଲଗାଯାଇଥିବା ଜଣାପଡ଼ିଛି।


ଡାବୁଗାଁର ଏକ ବୁଥରେ ଜଣେ ଦିବ୍ୟାଙ୍ଗ ଭୋଟର ମତଦାନ କରିବାକୁ ଯାଉଛନ୍ତି।

## ଉତ୍ସାହର ସହ ଭୋଟ ଦେଲେ ଗ୍ରାମବାସୀ

**ମାଓବାଦୀ ପ୍ରବଣ ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ**

**ମାଲକାନଗିରି/ଚିତ୍ରକୋଣ୍ଡା୨୪।୫ (ଦୁର୍ଯ୍ୟୋଧନ ପାତ୍ର/କ୍ଷୀରୋଦ ବେହେରା)**

ମାଲକାନଗିରି ଏକଦା ମାଓବାଦୀ ପ୍ରବଣ ଜିଲା ଭାବେ ପରିଚିତ ଥିଲା। ଚିତ୍ରକୋଣ୍ଡା ବ୍ଲକରେ ଥିବା ୧୮ ପଞ୍ଚାୟତ ମାଓବାଦୀଙ୍କ ଆଡ୍ଡାସ୍ଥଳୀ ଭାବେ ପରିଚିତ ଥିଲା। ତେବେ ଏହି ଅଞ୍ଚଳରେ ଦୀର୍ଘ ବର୍ଷ ହେଲା ଲୋକେ ମାଓବାଦୀଙ୍କ ଭୟରେ ଭୋଟ ଦେଇପାରୁ ନ ଥିଲେ। ଚଳିତ ନିର୍ବାଚନରେ ସ୍ୱାଭିମାନ ଅଞ୍ଚଳର ବିକାଶ ଏବଂ ମାଓବାଦୀଙ୍କ ପଛଘଞ୍ଚା ଦ୍ୱାରା ଅଞ୍ଚଳବାସୀ ମାଓବାଦୀ ସଂଗଠନ ଛାଡି ମୁଖ୍ୟସ୍ରୋତରେ ସାମିଲ ହୋଇ ନିଜ ଅଞ୍ଚଳର ବିକାଶ ହୋଇଥିବା ଅନୁଭବ କଲାପରେ ସୋମବାର ସେହି ସୁବ ଅଞ୍ଚଳ ମାଓବାଦୀ ମୁକ୍ତ ହୋଇଥିବା ବେଳେ ଅଞ୍ଚଳବାସୀ ନିଜ ଗ୍ରାମରେ ଉତ୍ସାହର ସହ ଭୋଟ ଦେଇଥିବା ଦେଖିବାକୁ ମିଳିଛି। ଯେଉଁଠି ହେଲିକପ୍ଟରରେ ପୁଲିଂ ପାର୍ଟି ସେହି ସବୁ ଅଞ୍ଚଳକୁ ଯାଉଥିଲେ ଏବେ ନିର୍ଭୟରେ ସଡକ ପଥରେ ଉକ୍ତ ଅଞ୍ଚଳକୁ ଯାଇ ଭୋଟିଂ ପରେ ଫେରୁଛନ୍ତି। ଜଳପଥରେ ଲଞ୍ଚ ଯୋଗେ ୪୦ କି.ମି.ଯୋଡାମ୍ବ ଓ ଯନ୍ତ୍ରୀ ପଞ୍ଚାୟତ ଲୋକମାନେ ଯାଇ ସୁରୁଖୁରୁରେ ଭୋଟ କାର୍ଯ୍ୟ ସମାପନ କରି ଫେରିଥିବା ଜଣାପଡିଛି। ସେହି ସବୁ ଅଞ୍ଚଳରେ ଭୋଟ ଦେବା ପାଇଁ ପ୍ରବଳ ଜନ ସମାଗମ ଦେଖିବାକୁ ମିଳିଥିଲା। ବିଶେଷକରି ଚିତ୍ରୋକେଣ୍ଡା ବ୍ଲକର ଯୋଡାମ୍ବ, ଯନ୍ତ୍ରୀ, ବଣ୍ଡାଘାଟି ଓ ଅଣ୍ଡ୍ରାହଲ ପଞ୍ଚାୟତରେ ଉତ୍ସାହର ସହ ବଣ୍ଡା, ଡିଡାୟୀ ଏବଂ ଅନ୍ୟାନ୍ୟ ଜନଜାତି ସମ୍ପ୍ରଦାୟର ଭୋଟରମାନେ ମତ ସାବ୍ୟସ୍ତ କରିଛନ୍ତି। ସେହିପରି ମାଥିଲି ଥାନା ଅନ୍ତର୍ଗତ ମାଓବାଦୀ ପ୍ରବଣ ଅଞ୍ଚଳ ତୁଳସୀପାହାଡଠାରେ ମଧ୍ୟ ଜନସାଧାରଣ ଉତ୍ସାହର ସହ ନିଜର ମତ ସାବ୍ୟସ୍ତ କରିଥିବା ଦେଖିବାକୁ ମିଳିଛି।


ମାଲକାନଗିରି ସହରରେ ଥିବା ଏକ ବୁଥରେ ମତଦାନ ପାଇଁ ଧାଡି ।

## ବଜ୍ରପାତରେ ଜଣେ ଗୁରୁତର

**କୋରାପୁଟ/ନାରାୟଣପାଟଣା ,୧୩।୫ ( ଅମିତାଭ ବେହେରା/ରାଜକିଶୋର ବେହେରା)**

କୋରାପପୁଟ ଜିଲାରେ ସୋମବାର ସନ୍ଧ୍ୟାରେ ଜଣେ ବଜ୍ରପାତରେ ଗୁରୁତର ହୋଇଛନ୍ତି। ସେ ହେଲେ ନାରାୟଣପାଟଣା ବ୍ଲକ ବାଲିପେଟା ପଞ୍ଚାୟତ ଚାଷୀ ପଦ୍ମନ ମେଲେକା। ପଦ୍ମନ ଚାଷ କାମ ସାରିପରିବାର ସହ ବଲରେ ଥିବା କୁଡ଼ିଆରେ ବିଶ୍ରାମ ନେଉଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ନାରାୟଣପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଗୁରୁତର ଥିବାରୁ ପଦ୍ମନଙ୍କୁ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ବିଡିଓଙ୍କ ପ୍ରତିଶ୍ରୁତି ପରେ ଭୋଟଦେଲେ ଗ୍ରାମବାସୀ

**ପାପଡ଼ାହାଣ୍ଡି,୧୩।୫(ସ୍ୱପ୍ନଜିତ ପଟ୍ଟନାୟକ)**

ଦୀର୍ଘ ଦିନ ହେଲା ଗାଁକୁ ସଂଯୋଗ କରୁଥିବା ରାସ୍ତାଟି ଠିକ୍ ନାହିଁ। ରାସ୍ତା ଠିକ୍ ନ ଥିବାରୁ ଆମ୍ବୁଲାନ୍ସ ଆସି ପାରୁନାହିଁ। ପିଲାମାନେ ସ୍କୁଲକୁ ଯିବାରେ ଅସୁବିଧା ହେଉଛି। ପ୍ରଶାସନକୁ ଅଭିଯୋଗ ପରେ ବି ରାସ୍ତାଟିଏ ହୋଇପାରିଲାନି। ନିର୍ବାଚନ ଆସିଲେ ନେତାଙ୍କ ମାଳମାଳ ପ୍ରତିଶ୍ରୁତି ମିଳୁଥିବାବେଳେ ଫଳ କିନ୍ତୁ ଶୂନ। ଶେଷରେ ଭୋଟ ବର୍ଜନର ନିଷ୍ପତ୍ତି ନେଲେ ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ପଞ୍ଚାୟତ ଜବାଗୁଡ଼ାବାସୀ। ଅପରାହ୍ନ ପର୍ଯ୍ୟନ୍ତ ଜିଦରେ ଅଟଳ ରହି କେହିବି ମତଦାନ ଦେଲେ ନାହିଁ। ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଲୋକେ ମତଦାନ କରିବେ ନାହିଁ ବୋଲି ଜିଦ୍‌ରେ ରହିଲେ। ଖବର ପାଇ ବିଡିଓ କପିଳଦେବ ସାହୁ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ବର୍ତ୍ତମାନ କୋଡ୍ ଅଫ୍ କଣ୍ଡକ୍ଟ ଲାଗିଥିବା ଯୋଗୁ କିଛି କରିହେବ ନାହିଁ, ପରବର୍ତ୍ତୀ ସମୟରେ ଗାଁ ପାଇଁ ନିଶ୍ଚିତ ଭାବେ ରାସ୍ତା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେବାପରେ ଲୋକେ ମତଦାନ କରିଥିଲେ।


କୋରାପୁଟ ଏକ୍ସ-ବୋର୍ଡ ସ୍କୁଲରେ ହୋଇଥିବା ମତଦାନ କେନ୍ଦ୍ରକୁ ଜଣେ ବୃଦ୍ଧାଙ୍କୁ ଆଶାକର୍ମୀମାନେ ଟ୍ରାଇ ସାଇକେଲରେ ବସାଇ ଭୋଟ ଦେବାକୁ ନେଉଛନ୍ତି।

## ଲିଖିତ ପ୍ରତିଶ୍ରୁତି ପରେ ମତଦାନ କଲେ ଗ୍ରାମବାସୀ

**କୋରାପୁଟ /ନାରାୟଣପାଟଣା ୧୩।୫ (ଅମିତାଭ ବେହେରା/ରାଜକିଶୋର ଜେନା)**

କୋରାପୁଟ ଜିଲା ନାରାୟଣ ପାଟଣା ବ୍ଲକର ମାଙ୍କିଡି, ନାଉମାଳ, ସୁଡେଙ୍ଗୁ, କର୍ଲିକୋଟା ଗ୍ରାମବାସୀ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଥିଲେ। ଏ ସମ୍ପର୍କରେ ପ୍ରଶାସନକୁ ବାରମ୍ବାର ଜଣାଇ କୌଣସି ସୁଫଳ ମିଳି ନ ଥିଲା। ନିଜ ମୌଳିକ ସମସ୍ୟା ସମାଧାନ ଦାବିରେ ସେମାନେ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିଲେ। ଖବରପାଇ ନାରାୟଣପାଟଣା ବିଡିଓ ପିୟୁଷ ଲୋହାର ,ଥାନା ଅଧିକାରୀ ସୁଷମା କହଁର ମାଙ୍କିଡି ବୁଥରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ସେମାନଙ୍କ ମୌଳିକ ସମସ୍ୟା ସମାଧାନ ଲାଗି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ପରେ ପାଖାପାଖି ୪ଶହ ଗ୍ରାମବାସୀ ସେମାନଙ୍କ ମତଦାନ କରିଥିଲେ। ସେହିପରି କୋରାପୁଟ ମ୍ୟୁନିସିପାଲିଟିରେ ୯ ନଂ. ୱାର୍ଡର ବିଭିନ୍ନ ମୌଳିକ ସମସ୍ୟା ନେଇ ୱାର୍ଡବାସୀ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଥିଲେ। ଜିଲା ପ୍ରଶାସନର ଅଧିକାରୀ ଓ ମ୍ୟୁନିସପାଲିଟି କର୍ତ୍ତୃପକ୍ଷ ପହଞ୍ଚି ୱାର୍ଡବାସୀଙ୍କ ସହ ଆଲୋଚନା କରିବା ପରେ ସେମାନେ ଭୋଟ ଦେଇଥିଲେ।

## ଇଭିଏମ୍ ତ୍ରୁଟି: ଅଧିକାଂଶ ବୁଥ୍‌ରେ ଘଣ୍ଟାଏ ବିଳମ୍ବରେ ମତଦାନ

**ସୁନାବେଡ଼ା,ସେମିଳିଗୁଡ଼ା,୧୩।୫ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)**

■ ୧୮୧ନଂ. ବୁଥ୍‌ରେ ଭୋଟ ଦେଇ ନ ପାରି ନିରାଶରେ ଫେରିଲେ ଭୋଟର

■ ସୁରକ୍ଷାକର୍ମୀ-ଭୋଟର ମୁହାଁମୁହିଁ, ଉତ୍ତେଜନା

ପ୍ରଥମ ପର୍ଯ୍ୟାୟ ମତଦାନ ପ୍ରାୟ ସମସ୍ତ ବୁଥ୍‌ରେ ଶାନ୍ତିପୂର୍ଣ୍ଣ ଭାବରେ ଲୋକେ ସାବ୍ୟସ୍ତ କରିଥିବା ଦେଖିବାକୁ ମିଳିଛି। କୋରାପୁଟ ବିଧାନସଭା କ୍ଷେତ୍ର ସୁନାବେଡା ପୌରାଞ୍ଚଳର ଅନେକ ବୁଥ୍‌ରେ ଇଭିଏମରେ ତ୍ରୁଟି ଯୋଗୁ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ବୁଥ ନଂ. ୧୯୮ରେ ଆରମ୍ଭରୁ ଇଭିଏମ ତ୍ରୁଟି ଯୋଗୁ ଏକ ଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ସେହିପରି ସୁନାବେଡା-୧ ଜଗନ୍ନାଥ ବିଦ୍ୟାପୀଠ ବୁଥ ନଂ. ୧୮୩, ୧୮୪, ଗଞ୍ଜାମ କଲୋନୀ ପ୍ରାଥମିକ ବିଦ୍ୟାଳୟ ବୁଥ ନଂ. ୧୮୫ ଓ ଏଇଏଫ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଥ ନଂ. ୧୮୭ରେ ଇଭିଏମ ତ୍ରୁଟିଯୋଗୁ ପ୍ରାୟ ୨ ଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ଏନେଇ ଭୋଟରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପଟ୍ଟାଙ୍ଗି ବିଧାନସଭା ନିର୍ବାଚନୀ ମଣ୍ଡଳୀର ଦୁର୍ଗମ ଅଞ୍ଚଳ କାଣ୍ଟି ପଞ୍ଚାୟତର ଟାଙ୍କୁବେଡା, ଝଲାଗୁଡ଼ା, ଫୁଲପଦର ଓ ଉପର କାଣ୍ଟିକୁ ନେଇ ବୁଥ ନଂ. ୮୪ ରହିଥିଲା। ଏହିସବୁ ଅଞ୍ଚଳର ପାଖାପାଖି ୧୨ ଶହ ଭୋଟର ଥିବା ବେଳେ ଗୋଟିଏ ମାତ୍ର ବୁଥ ଯୋଗୁ ପ୍ରାୟ ୪/୫ କି.ମି. ଚାଲି ଚାଲି ଆସି ଲୋକେ ମତଦାନ ଲାଗି ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡ଼ିରେ ଠିଆହୋଇ ରହିଥିବା ଦେଖିବାକୁ ମିଳିଥିଲା। ଦୁଧାରି ପଞ୍ଚାୟତର ଦୁଧାରି ନୋଡାଲ ସ୍କୁଲରେ ୧୨ ଶହ ଭୋଟର ପାଇଁ ୫୨ ନମ୍ବର ଓ ପାକଖୋଲା ପଞ୍ଚାୟତର ଆଲି ଗାଁ ଆଶ୍ରମ ସ୍କୁଲରେ ପ୍ରାୟ ୧୧ ଶହ ଭୋଟରଙ୍କ ପାଇଁ ୪୯ ନମ୍ବର ଗୋଟିଏ ବୁଥ୍ ହୋଇଥିଲା। ଏହାକୁ ନେଇ ଭୋଟରଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖା ଦେଇଥିଲା। ଏତେସଂଖ୍ୟକ ଭୋଟରଙ୍କ ପାଇଁ ଗୋଟିଏ ବୁଥ୍ ନ କରି ୨ଟି ଲେଖାଏ ବୁଥ ପ୍ରଶାସନ କରିବା କଥା ବୋଲି ଅପେକ୍ଷାରତ ଭୋଟର ପ୍ରକାଶ କରିଥିଲେ। ସେହିପରି ସୁନାବେଡା ପୌରାଞ୍ଚଳର ୧୮୧ ନଂ. ବୁଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଇଭିଏମ ତ୍ରୁଟି ଦେଖାଦେଇଥିଲା। ଫଳରେ ଏଠାରେ ପ୍ରାୟ ଏକ ଘଣ୍ଟା ବିଳମ୍ବରେ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। ତେବେ ଭୋଟ୍ ଗ୍ରହଣ ଶେଷ ସମୟ ପୂର୍ବରୁ ସେଠାରେ ଥିବା ସୁରକ୍ଷାକର୍ମୀ ମୁଖ୍ୟ ଫାଟକ ବନ୍ଦ କରିଦେଇଥିଲେ। ଯାହାଦ୍ୱାରା ଭୋଟ୍ ଦେବାକୁ ଅପେକ୍ଷା କରିଥିବା ଶତାଧିକ ଭୋଟର ଭୋଟ ଦାନରୁ ବଞ୍ଚିତ ହୋଇଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ଘଣ୍ଟାଏ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିବାରୁ ଭୋଟଦାନର ଧାର୍ଯ୍ୟ ସମୟକୁ ଘଣ୍ଟାଏ ବଢାଇବା ଲାଗି ଲୋକେ ଦାବି କରିଥିଲେ। ମାତ୍ର ସେମାନଙ୍କ କଥାକୁ କେହି ଗୁରୁତ୍ୱ ଦେଇ ନ ଥିଲେ। ସମସ୍ତ ବୁଥ୍‌ରେ ପ୍ରାୟ ୪୦ରୁ ୫୦ ପ୍ରତିଶତ ମତଦାନ ହୋଇଥିବା ଜଣାପଡିଛି।

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/24-25/E-Tender/08 ତା.07.05.2024ରିଖ

1) ଟେଣ୍ଡର ସଂ. etenderestatekur-31-2024, ତା.01.05.2024ରିଖ

**ବିବରଣୀ :** ବରିଷ୍ଠ ସେକ୍ସନ ଯନ୍ତ୍ରୀ (କାର୍ଯ୍ୟ)/ ମଞ୍ଚେଶ୍ୱରଙ୍କ ଅଧୀନରେ ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର (କାରଖାନା) ସେକ୍ସନରେ 30.06.2024 ସମୟସୀମା ପାଇଁ ନୂତନ କାର୍ଯ୍ୟ, ଯୋଗ ଏବଂ ପରିବର୍ତ୍ତନ, ବିଭିନ୍ନ ପ୍ରକୃତିର ସମସ୍ତ ସାଧାରଣ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ପ୍ରତ୍ୟେକର ମୂଲ୍ୟ ଟ.5,00,000/- କିମ୍ବା ତା'ଠାରୁ କମ୍ ହେବା ଆବଶ୍ୟକ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 123.57 ଲକ୍ଷ, EMD (₹) : 2,11,800.00 ।

2) ଟେଣ୍ଡର ସଂ. etenderestatekur-32-2024, ତା.01.05.2024ରିଖ

**ବିବରଣୀ :** ବରିଷ୍ଠ ସେକ୍ସନ ଯନ୍ତ୍ରୀ (କାର୍ଯ୍ୟ)/ ମଞ୍ଚେଶ୍ୱରଙ୍କ ଅଧୀନରେ ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର କଲୋନୀ (କାରଖାନାକୁ ଛାଡ଼ି) ସହିତ ସେଣ୍ଟ୍ରାଲ୍ ହସ୍ପିଟାଲ ସେକ୍ସନରେ 30.06.2024 ସମୟସୀମା ପାଇଁ ନୂତନ କାର୍ଯ୍ୟ, ଯୋଗ ଏବଂ ପରିବର୍ତ୍ତନ, ବିଭିନ୍ନ ପ୍ରକୃତିର ସମସ୍ତ ସାଧାରଣ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ପ୍ରତ୍ୟେକର ମୂଲ୍ୟ ଟ.5,00,000/- କିମ୍ବା ତା'ଠାରୁ କମ୍ ହେବା ଆବଶ୍ୟକ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 139.21 ଲକ୍ଷ, EMD (₹) : 2,19,600.00 ।

3) ଟେଣ୍ଡର ସଂ. etenderestatekur-33-2024, ତା.01.05.2024ରିଖ

**ବିବରଣୀ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ଇଷ୍ଟେଟ)/ ଭୁବନେଶ୍ୱରଙ୍କ ଅଧିକାର କ୍ଷେତ୍ର ଅଧୀନରେ ମଞ୍ଚେଶ୍ୱର କଲୋନୀରେ ବିଦ୍ୟମାନ ଉଦ୍ୟାନ କୃଷି କାର୍ଯ୍ୟର ରକ୍ଷଣାବେକ୍ଷଣ, ବିସ୍ତାର ଏବଂ ପରିବର୍ତ୍ତନ ପାଇଁ ମୂଲ୍ୟ ଟ.5,00,000/- (5 ଲକ୍ଷ) କିମ୍ବା ତା'ଠାରୁ କମ୍‌ରେ ଆଞ୍ଚଳିକ ଚୁକ୍ତି ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 52.32 ଲକ୍ଷ, EMD (₹) : 1,04,700.00 ।

ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ ଟେଣ୍ଡର ନିମନ୍ତେ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** (ସମସ୍ତ ଟେଣ୍ଡର ନିମନ୍ତେ) ତା.22.05.2024ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-110/P/24-25

